**Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

2BHK flat near Kedargouri Temple, Lewis Road, Bhubaneswar. Mobile: 8328890345. D-65691

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




One Bedroom Flat with garage for rent at Reetavally near Krupajal Engineering. Contact: 9439084778. D-61062

**BUSINESS**

ମାସକୁ ୧୦,୦୦୦/- ରୁ ୨୫,୦୦୦/- ରୋଜଗାର ନିଜଘରେ ରହି ସ୍ୱଳ୍ପ ବିନିଯୋଗ କରି ପାଆନ୍ତୁ। Mob: 9937426857, 9861820550. D-68003




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66961

Refresh your mind and soul with best therapy at Orchid Salon/ Spa. 9937287222. D-66963

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

**AFFIDAVIT**

Affidavit before Executive Magistrate, Dhenkanal, 21.08.2019, my name has changed from Diptikrishna Maharana to Krishna Maharana. Henceforth I shall be known as Krishna Maharana, S/o. Gunanidhi Maharana, At-Godidihi, PO-Balaramprasad, PS-Motanga, Dist-Dhenkanal for all legal purposes. D-66820

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଜିଲ୍ଲା ଚିଠି ଦେବଗଡ଼



# ସହରମୁହାଁ ମାଙ୍କଡ଼

ଦେବଗଡ଼ ସହରରେ ମାଙ୍କଡ଼ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଛି। ସହରବାସୀ ଭୟ ଓ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ସହରଠାରୁ ମାତ୍ର ଦେଢ଼ କିଲୋମିଟର ଦୂର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ରହୁଥିବା ମାଙ୍କଡ଼ମାନେ ଖାଦ୍ୟାଭାବ ଯୋଗୁ ସହରମୁହାଁ ହେଉଛନ୍ତି। ସେମାନେ ସଂଘବଦ୍ଧ ଭାବେ ସହର ଭିତରେ ପଶି ଖାଦ୍ୟ ସଂଗ୍ରହ ସହ, ଜନସାଧାରଣଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ଯାହା ଏବେ ନିତିଦିନିଆ କଥାରେ ପରିଣତ ହୋଇଛି। ମାଙ୍କଡ ଆକ୍ରମଣ ଭୟରେ ପ୍ରାତଃ ଏବଂ ସାନ୍ଧ୍ୟ ଭ୍ରମଣ ପାଇଁ ଲୋକେ ଆଉ ପ୍ରଧାନପାଟର ମୁକ୍ତ ପରିବେଶକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଘରଦ୍ୱାର, ଦୋକାନ ବଜାରରେ ପଶି ମାଙ୍କଡମାନେ ବିଭିନ୍ନ ସାମଗ୍ରୀ ନଷ୍ଟ କରିଦେଉଛନ୍ତି। ଦଳଦଳ ହୋଇ ଛପର ଘର, ଟିଣ, ଆଜ୍‌ବେଷ୍ଟସ ଛାତ ଉପରେ ଧାଁଦୌଡ କରି ନଷ୍ଟଭ୍ରଷ୍ଟ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଏପରି କି ଗାଡି ମୋଟରଗୁଡ଼ିକରେ ଲାଗିଥିବା ହେଡ୍‌ଲାଇଟ, ଭାଇଜର, ମିରର୍ ଭାଙ୍ଗି ପକାଉଛନ୍ତି। ସେମାନେ ରାତିରେ ପ୍ରଧାନପାଟ ଜଙ୍ଗଲକୁ ନ ଫେରି ଜିଲାପାଳଙ୍କ କାର୍ଯ୍ୟାଳୟ ଛାତରେ ରହି ଯାଉଛନ୍ତି। ସକାଳୁ ସକାଳୁ ଲୋକଙ୍କ ବାଡିରେ ପଶି ବିଭିନ୍ନ ଫଳ ଓ ପନିପରିବା ଖାଉଛନ୍ତି। ଇତିମଧ୍ୟରେ ମାଙ୍କଡ ଆକ୍ରମଣରେ ସହର ଓ ଏହାର ଆଖପାଖ ଅଞ୍ଚଳରେ ୩ଶହରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇ ସାରିଲେଣି। ବିଶେଷ କରି ସହରର ଖପରସାହି, ବାବୁସାହି, ଗୁରୁସାହି, ବଣିଆସାହି, ମଠସାହି, ତଅଁଳାସାହି, ଲାଲୁସାହି, ଭୂୟାଁସାହି, ଶାସନସାହି, ମ୍ୟୁନିସିପାଲିଟି ସାହି, ପ୍ରାଇଭେଟ ବସଷ୍ଟାଣ୍ଡ, ଗୋପବନ୍ଧୁ ଛକ, ଭିତିରିଆସାହି, ଡେଲି ମାର୍କେଟ ଅଞ୍ଚଳ ସେମାନଙ୍କ ଚରାଭୂଇଁ ପାଲଟିଛି। ମାଙ୍କଡ଼ ଦମନ ପାଇଁ ପ୍ରଶାସନ ତରଫରୁ ଯେତେ ବ୍ୟବସ୍ଥା ହେଲେ ମଧ୍ୟ ଫେଲ ମାରୁଛି। ୫ବର୍ଷ ତଳେ ପ୍ରଶାସନ ତରଫରୁ ରାଉରକେଲାର 'ଆର୍ମୀ' ନାମକ ଏକ ସାମାଜିକ ସଂସ୍ଥାକୁ ମାଙ୍କଡ଼ ଧରିବା ପାଇଁ ନିୟୋଜିତ କରାଯାଇଥିଲା। ମାତ୍ର ସେମାନେ ଏ ଦିଗରେ ନିରାଶ ହୋଇଥିଲେ। ପରେ ବନବିଭାଗ ତରଫରୁ ମାଙ୍କଡ଼ପଲଙ୍କୁ ନିୟନ୍ତ୍ରଣ କରିବା ପାଇଁ ବନ୍ଧୁକଧାରୀ ଗାର୍ଡ ନିୟୋଜିତ କରାଯାଇଛି। ତଥାପି ମାଙ୍କଡ଼ ଉପଦ୍ରବରୁ ଲୋକେ ତ୍ରାହି ପାଇ ପାରୁ ନାହାନ୍ତି। ଏହି ସମସ୍ୟାରୁ ମୁକୁଳିବା ପାଇଁ ଜିଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ଜିଲାପାଳଙ୍କଠାରୁ ଆରମ୍ଭ କରି ସିସିଏଫ୍, ପିସିସିଏଫ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ କୌଣସି ଉଦ୍ୟମ ଫଳପ୍ରଦ ହେଉନାହିଁ। ଜିଲା ପ୍ରଶାସନ ଏବଂ ବନ ବିଭାଗ ଯୋଜନା ମୁତାବକ ଏ ଦିଗରେ ଠୋସ୍ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

– ଶଶାଙ୍କ ଶେଖର ଝାଙ୍କର

# ୭୫ ମିଟର ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ



୭୫ ମିଟର ଉଚ୍ଛେଦ ପାଇଁ ଶ୍ରୀମନ୍ଦିର ପୂର୍ବପାର୍ଶ୍ୱରେ ମାପଚୁପ କରାଯାଉଛି।

**ପୁରୀ ଅଫିସ, ୧୬।୯**

ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ଖାଲି କରାଯିବ। ଏହି ପରିସୀମା ଭିତରେ ଥିବା ମଠ, ଧର୍ମଶାଳା, ବାସଗୃହ, ଦୋକାନ, ହୋଟେଲ, ଲଜ୍ଜିଂ ସବୁ ଭଙ୍ଗାଯିବ। ଏଥିପାଇଁ ପ୍ରଥମେ ସିଂହଦ୍ୱାରକୁ ଲାଗିରହିଥିବା ସରକାରୀ ଏବଂ ବେସରକାରୀ ନିର୍ମାଣକୁ ପ୍ରଶାସନ ଉଚ୍ଛେଦ କରିଦେଇଛି। ଲଙ୍ଗୁଳି, ଏମାର ଏବଂ ବଡ଼ ଆଖଡା ମଠକୁ ମଧ୍ୟ ଭାଙ୍ଗିସାରିଛି। ଏବେ ୭୫ ମିଟରକୁ ଟାର୍ଗେଟ କରି ଆଗକୁ ବଢିଛି ପ୍ରଶାସନ। ଏଥିଲାଗି ମାପଚୁପ ଆରମ୍ଭ ହୋଇଛି।

ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏଥିପାଇଁ ଏକାଧିକ ପ୍ରକଳ୍ପ ପରିକଳ୍ପନା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମେଘନାଦ ପାଚେରି ପାର୍ଶ୍ୱସ୍ଥ ସରକାରୀ ଓ ବେସରକାରୀ ନିର୍ମାଣ ଉଚ୍ଛେଦ ପରେ ବିପଦସଙ୍କୁଳ କୋଠା ଭଙ୍ଗାଯାଇଛି। ଲଙ୍ଗୁଳି ମଠ, ଏମାର ଏବଂ ବଡ଼ ଆଖଡା ମଠ ମାଟିରେ ମିଶିଛି। ରାସ୍ତା ନ ଥିବାରୁ ଉଚ୍ଛେଦ ମଠରେ ଉପାସିତ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତମାନେ ଯାଇପାରୁ ନ ଥିଲେ। ତେଣୁ ଉଚ୍ଛେଦ ସ୍ଥଳକୁ ସମତୁଲ କରି ଟାଇଲ ବିଛାଇଛି ପ୍ରଶାସନ। ଏହାପରେ ୭୫ ମିଟର ଉଚ୍ଛେଦ ପାଇଁ ସୋମବାର ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କ ଉପସ୍ଥିତିରେ ଆର୍‌ଆଇ, ତହସିଲ ଅଫିସ କର୍ମଚାରୀମାନେ ଶ୍ରୀମନ୍ଦିର ପୂର୍ବ ପାର୍ଶ୍ୱ ଅର୍ଥାତ୍ ବଡ଼ ଆଖଡା ମଠ ପଛପଟୁ ବଡ଼ଦାଣ୍ଡ ଆଡ଼କୁ ମାପଚୁପ କରିଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ୫ଜଣ ଶିକ୍ଷାନବିସ ଆଇଏଏସ୍ ଅଫିସର ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏ ନେଇ ଉପଜିଲାପାଳ ସାହୁ କହିଛନ୍ତି, ପୂର୍ବରୁ ଉଚ୍ଛେଦ ସ୍ଥଳର ସୌନ୍ଦର୍ଯ୍ୟକରଣ ଉପରେ ପ୍ରାଥମିକତା ଦିଆଯାଇ କାମ ସରିଛି। ଏହାଦ୍ୱାରା ଭକ୍ତମାନେ ସୁରୁଖୁରୁରେ ବୁଲି ଦର୍ଶନ କରିପାରିବେ। ୭୫ ମିଟର ଉଚ୍ଛେଦ ପାଇଁ ଶ୍ରୀମନ୍ଦିର ପୂର୍ବପାର୍ଶ୍ୱ ମାପ କରାଯାଇଛି। ପର୍ଯ୍ୟାୟକ୍ରମେ ଚତୁଃପାର୍ଶ୍ୱ ମାପଚୁପ କରାଯିବ।



କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ସୋମବାର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

**ଖପ୍ରାଖୋଲ, ୧୬।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତଥା ଲରମ୍ବା ଥାନା ଅନ୍ତର୍ଗତ ଚିଟିକାମାଲ ଗାଁ ନିକଟସ୍ଥ ପାହାଡରୁ ସୋମବାର ଏକ ଦମ୍ପତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଗୁଣିଗାରେଡି ସନ୍ଦେହରେ ଉଭୟଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଜଣାପଡିବା ପରେ ଜିଲାବ୍ୟାପୀ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଦମ୍ପତି ହେଲେ ଚିଟିକାମାଲ ଗାଁର ଚିନ୍ତାମଣି ବରିହା(୫୫) ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ(୫୦)। ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍, ପାଟଣାଗଡ଼ ଏସ୍‌ଡିପିଓ ସୁରେଶ ନାଏକ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ ଆରମ୍ଭ କରିଛନ୍ତି। ୪ଜଣ ସନ୍ଦିଗ୍ଧଙ୍କୁ ଲରମ୍ବା ଥାନାରେ ଅଟକ ରଖି ପଚରାଉଚରା କରାଯାଇଛି।

# କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର

**ଟିଗିରିଆ, ୧୬।୯ (ଡି.ଏନ୍.ଏ.)**

ଆଠଗଡ଼ ବନାଖଣ୍ଡ ଅନ୍ତର୍ଗତ ଟିଗିରିଆ ବନାଞ୍ଚଳ ଅଧୀନ ନିଜିଗଡ଼ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଦ୍ୱାରା ଏକ କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର ହୋଇଛି। ମୃତ ବାଘୁଣୀର ବୟସ ୧୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଓଜନ ୫୦ କିଲୋ ଓ ୨ଫୁଟ ଉଚ୍ଚ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହି ସଂରକ୍ଷିତ ଜଙ୍ଗଲର ହରିଡ଼ାପଶି ନିକଟବର୍ତ୍ତୀ ଅଞ୍ଚଳର ଏକ ପାହାଡ଼ିଆ ସ୍ଥାନରୁ ରବିବାର ବାଘୁଣୀର ମୃତଦେହ ଠାବ କରାଯାଇ ଟିଗିରିଆ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସୋମବାର ସକାଳେ ବନ୍ୟପ୍ରାଣୀ ଓ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଟିଗିରିଆ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଧର୍ମାନନ୍ଦ ମହାନ୍ତି ବାଘୁଣୀର ମୃତଦେହ ବ୍ୟବଚ୍ଛେଦ କରାଇଥିଲେ।



ମୃତ କଲରାପତରିଆ ବାଘୁଣୀ।

ମୃତ ବାଘୁଣୀ ଦେହରେ କୌଣସି କ୍ଷତଚିହ୍ନ ନ ଥିବା ବେଳେ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଠଗଡ଼ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି। ବ୍ୟବଚ୍ଛେଦ ପରେ ବିଭାଗୀୟ ନୀତି ଅନୁଯାୟୀ ବାଘୁଣୀର ମୃତଦେହକୁ କାର୍ଯ୍ୟାଳୟ ପରିସରରେ ଦାହ କରିଦିଆଯାଇଛି।

ଅପରପକ୍ଷେ ଟିଗିରିଆ ବନାଞ୍ଚଳରେ କୌଣସି ବାଘଙ୍କ ଚଳାଚଳ ସ୍ଥାନୀୟ ଲୋକେ ଦେଖି ନ ଥିବା ବେଳେ ହଠାତ୍ ଏକ ବାଘୁଣୀର ଅସ୍ୱାଭାବିକ ମୃତ୍ୟୁକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି ବୋଲି ଡିଏଫ୍‌ଓ କହିଛନ୍ତି। ଖବରପାଇ ସାତକୋଶିଆ ବନ୍ୟଜନ୍ତୁ ବିଶେଷଜ୍ଞ ଡ. କିଶୋର ଚନ୍ଦ୍ର ସାହୁ, ପ୍ରାକୃତିକ ପରିବେଶ ଓ ବନ୍ୟପ୍ରାଣୀ ସମାଜର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ପ୍ରସନ୍ନ କୁମାର ବେହେରା, ସହକାରୀ ବନ୍ୟ ସଂରକ୍ଷକ ରାଜେନ୍ଦ୍ର କୁମାର ଦାସ, କଟକ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଠଗଡ଼ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କେଶବ ଚନ୍ଦ୍ର ସାମନ୍ତରାୟ, ଆଠଗଡ଼ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ବେହେରା ବାଘୁଣୀର ମୃତଦେହ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିଲେ।

# ମାଈ ହାତୀର ମୃତଦେହ ଠାବ: ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସନ୍ଦେହ

**ଭାପୁର, ୧୬।୯(ଡି.ଏନ.ଏ.):** ଢେଙ୍କାନାଳ ସଦର ରେଞ୍ଜ ଭାପୁର ବନାଞ୍ଚଳ ଅନ୍ତର୍ଗତ ମାଟିଆମୁଣ୍ଡିଆ ନିକଟରେ ଜଣେ ବ୍ୟକ୍ତିଙ୍କ କାଜୁ ବଗିଚାରୁ ସୋମବାର ବନ ବିଭାଗ ଏକ ମାଈହାତୀର ମୃତଦେହ ଠାବ କରିଛି। ପାଖାପାଖି ଦୁଇଦିନ ତଳେ ହାତୀଟିର ମୃତ୍ୟୁ ଘଟିଛି ଏବଂ ପାରିପାର୍ଶ୍ୱିକସ୍ଥିତିରୁ ଏହା ବିଦ୍ୟୁତ୍ ଆଘାତଜନିତ ବୋଲି ଅନୁମାନ କରାଯାଉଛି। ସୂଚନା ପାଇ ଡିଏଫ୍‌ଓ ବିମଳକୃଷ୍ଣ ଆଚାର୍ଯ୍ୟ, ରେଞ୍ଜର ମୁନାୱର ଖାଁ, ବନପାଳ ପ୍ରଭାକର ରଣ, ଯୁଗଳ କିଶୋର ମହାନ୍ତି ସଦଳବଳ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ବିଡିଓ ଲକ୍ଷ୍ମୀନାରାୟଣ ଜେନା, ଭାପୁର ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରଭାତ କୁମାର ଜେନାଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ନିକଟରେ ଗାତଖୋଳି ହାତୀ ମୃତଦେହକୁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ କହିଛନ୍ତି।




'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସରେ ଭୋଗରାଇ ତଥା ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆସନ୍ତୁ ସଭିଏଁ ମିଶି ଜିଲ୍ଲାର ଉନ୍ନୟନ ଯୋଜନାକୁ ସଫଳ କରିବା ଓ ଏକନମ୍ବର ଆଦର୍ଶ ଜିଲ୍ଲା ଗଢ଼ି ତୋଳିବା। ଆପଣଙ୍କ ସେବାରେ
**ଅନନ୍ତ ଦାସ**
ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବିଧାୟକ


# ବାପାଙ୍କ ମୃତଦେହକୁ ବାଇକ୍‌ରେ ନେଲେ ପୁଅ

**ନବରଙ୍ଗପୁର/ଉମରକୋଟ, ୧୬।୯ (ବି.ପ୍ର./ଡି.ଏନ.ଏ)**

ଦେଶୀ ଚିକିତ୍ସା ପାଇଁ ବାପାଙ୍କୁ ଆଣିଥିବା ବେଳେ ମୃତ୍ୟୁ ଘଟିଥିଲା। ବାପାର ମୃତଦେହକୁ ଏକ କାଠପଟାରେ ବାନ୍ଧି ବାଇକରେ ପୁଅ ଘରକୁ ଆଣୁଥିଲେ। ଦୀର୍ଘ ୨୨ କି.ମି ପର୍ଯ୍ୟନ୍ତ ମୃତଦେହକୁ ରବିବାର ରାତିରେ ଏପରି ଧରି ଆସିବା ପରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଡିଏନକେ ଗୋପବନ୍ଧୁ ଛକ ନିକଟରେ ଲୋକମାନଙ୍କ ନଜର ପଡିଥିଲା। ଲୋକମାନେ ବାଇକକୁ ଅଟକାଇ ସ୍ଥାନୀୟ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ଶବବାହକ ଗାଡିରେ ମୃତଦେହ ପଠାଯାଇଥିଲା।

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁଡୁମଧରା ଗାଁର ବଳି ସାନ୍ତା ଝରିଗାଁ ବ୍ଲକ ବଂଶିବନ୍ଧା ଗାଁକୁ ଦେଶୀ ଚିକିତ୍ସା ପାଇଁ ପୁଅ ଲକି ସାନ୍ତା ସହ ଆସିଥିଲେ। ସେଠାରେ ବଳିଙ୍କ ଅବସ୍ଥା ଗୁରୁତର ହେବାରୁ ଲକି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସି ନ ଥିଲା। ଇତି ମଧ୍ୟରେ ବଳିଙ୍କ ମୃତ୍ୟୁ ଘଟିଥିଲା। ବଳିଙ୍କ ମୃତଦେହକୁ ଏକ କାଠ ପଟା ଉପରେ ବାନ୍ଧି ଅନ୍ୟ ଜଣଙ୍କ ସହାୟତାରେ ବାଇକ ପଛରେ ରଖି ଲକି କୁଡମଧରା ଗାଁକୁ ନେଉଥିଲେ। ଉମରକୋଟ ଡିଏନକେ ଗୋପବନ୍ଧୁ ଛକ ନିକଟରେ ଲୋକମାନେ ଏହା ଦେଖି ମୃତଦେହକୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ପରାମର୍ଶ ଦେଇଥିଲେ।




'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ, ଭାଇ-ଭଉଣୀ ଓ ଶୁଭେଚ୍ଛୁମାନଙ୍କୁ ସ-ଭକ୍ତି ପ୍ରଣାମ, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ସମସ୍ତଙ୍କର ସୁଖ-ଶାନ୍ତି ଓ ସମୃଦ୍ଧି ହେଉ ଏହା ହିଁ ପ୍ରଭୁଙ୍କଠାରେ ପ୍ରାର୍ଥନା।
**ତପନ କୁମାର ପଣ୍ଡା**
ଜିଲ୍ଲା ସମ୍ପାଦକ ତଥା ହୁଗୁଳି ପଞ୍ଚାୟତ ସରପଞ୍ଚ


# ୨ ବିଶ୍ୱବିଦ୍ୟାଳୟ ହେବ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ ୬୫ଟି ମହାବିଦ୍ୟାଳୟ
- ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ରହିବ ୫୦ଟି ମହାବିଦ୍ୟାଳୟ

**ଭୁବନେଶ୍ୱର, ୧୬।୯ (ବ୍ୟୁରୋ)**

ବଲାଙ୍ଗୀରର ରାଜେନ୍ଦ୍ର ଏକକ ବିଶ୍ୱବିଦ୍ୟାଳୟ ଏବଂ ଭବାନୀପାଟଣା ଏକକ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ(ଆଫିଲିଏଟେଡ୍) ବିଶ୍ୱବିଦ୍ୟାଳୟ ହେବ। ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଦୁଇଟି ବିଶ୍ୱବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତ ମାର୍ଚ୍ଚ ୬ରେ ଓ ବଲାଙ୍ଗୀର ରାଜେନ୍ଦ୍ର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତ ମାର୍ଚ୍ଚ ୨ରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଥିଲା। କିନ୍ତୁ ଏହାକୁ ପରିବର୍ତ୍ତନ କରାଯାଇ ଉଭୟ ବିଶ୍ୱବିଦ୍ୟାଳୟକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ କରାଯିବ। ଏଣିକି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ପ୍ରାୟ ୬୫ଟି ମହାବିଦ୍ୟାଳୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବା ସହ ଅନୁବନ୍ଧିତ ହୋଇଯିବ। ସେହିପରି କଳାହାଣ୍ଡି ଏବଂ ନୂଆପଡ଼ା ଜିଲାର ପ୍ରାୟ ୫୦ଟି ମହାବିଦ୍ୟାଳୟ ଭବାନୀପାଟଣା ଏକକ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହେବ। ଏହି ମହାବିଦ୍ୟାଳୟଗୁଡ଼ିକ ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଅଛି। ତେବେ ଏହି ଦୁଇଟି ଏକକ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ହେଲେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ସହ ଯୋଗାଯୋଗ ନିମନ୍ତେ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ଏବଂ ପ୍ରଶାସନିକ ପ୍ରକ୍ରିୟାରେ ପାରଦର୍ଶିତା ଆସିପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଉପରୋକ୍ତ ଚାରି ଜିଲାର ୧୧୫ଟି ମହାବିଦ୍ୟାଳୟ ବାଦ୍ ପଡ଼ିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କାର୍ଯ୍ୟଭାର ଅନେକ ମାତ୍ରାରେ ଲାଘବ ହେବାସହ ଏହାର କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ପାଇବ। ଏହାସହ ପରୀକ୍ଷା ପରିଚାଳନା, ପରୀକ୍ଷା ଫଳ ପ୍ରକାଶନ, ଆଡ୍‌ମିଶନ୍ ପ୍ରକ୍ରିୟା ଆଦି ତ୍ୱରାନ୍ୱିତ ହୋଇପାରିବା ସହ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ମଧ୍ୟ ସହଜରେ ହୋଇପାରିବ। ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୨୪୦ଟି ମହାବିଦ୍ୟାଳୟ ରହିଛି। ସୂଚନାଯୋଗ୍ୟ, ବଲାଙ୍ଗୀରର ରାଜେନ୍ଦ୍ର ମହାବିଦ୍ୟାଳୟ ୧୯୪୪ରେ ଓ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୬୦ରେ ପ୍ରତିଷ୍ଠା କରାଯାଇଥିଲା।


ଆଲ୍ଲାହାବାଦ ବ୍ୟାଙ୍କ ALLAHABAD BANK
ବିଶ୍ୱାସର ଏକ ପରମ୍ପରା। A tradition of trust
ମୁଖ୍ୟ କାର୍ଯ୍ୟାଳୟ: 2, ନେତାଜୀ ସୁଭାଷ ରୋଡ୍, କୋଲକାତା - 700001
**ବିଜ୍ଞପ୍ତି**
**ଆଲ୍ଲାହାବାଦ ବ୍ୟାଙ୍କ ₹୪୦.୦୦ ଲକ୍ଷରୁ ଊର୍ଦ୍ଧ୍ୱ ସଞ୍ଚୟ ବ୍ୟାଙ୍କ ଜମା ଉପରେ ସୁଧକୁ ଆର୍‌ବିଆଇ ରେପୋ ରେଟ୍ ସହ ସଂଯୋଗ କରାଯାଉଅଛି**
ଆଲ୍ଲାହାବାଦ ବ୍ୟାଙ୍କର ସମସ୍ତ ସଞ୍ଚୟ ବ୍ୟାଙ୍କ ଜମା ଖାତାଧାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ₹୪୦ ଲକ୍ଷରୁ ଊର୍ଦ୍ଧ୍ୱ ଥିବା ସଞ୍ଚୟ ବ୍ୟାଙ୍କ ଜମା ଖାତାଗୁଡ଼ିକ ଉପରେ ସୁଧ ହାରକୁ ୧ ଅକ୍ଟୋବର, ୨୦୧୯ଠାରୁ ଆର୍‌ବିଆଇ ରେପୋ ରେଟ୍ ସହ ସଂଯୋଗ କରାଯାଉଅଛି ଏବଂ ସେହି ଅନୁଯାୟୀ ପ୍ରଭାବୀ ସୁଧ ହାର ପ୍ରଚଳିତ ରେପୋ ରେଟ୍ ସହ ସମତୁଲ୍ୟ ହେବ ଅର୍ଥାତ୍ ବାର୍ଷିକ ୩.୬୫%।
ସଞ୍ଚୟ ବ୍ୟାଙ୍କ ଜମା ଖାତା ପାଇଁ ଅନ୍ୟାନ୍ୟ ନିୟମାବଳୀ ଅପରିବର୍ତ୍ତିତ ରହିବ।
ମୁଖ୍ୟ କାର୍ଯ୍ୟାଳୟ, କୋଲକାତା
ତାରିଖ: ୧୩ ସେପ୍ଟେମ୍ବର, ୨୦୧୯
ସାଧାରଣ ପରିଚାଳକ
ଯୋଜନା ବିଭାଗ





'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ଜନ୍ମତିଥିରେ ଭୋଗରାଇ ବ୍ଲକର ସମସ୍ତ ଶିକ୍ଷିକା-ଶିକ୍ଷକ, ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି, ଗୋଷ୍ଠୀ ଶିକ୍ଷାକେନ୍ଦ୍ରର ସି.ଆର୍.ସି.ସି. ଓ ସହକର୍ମୀମାନଙ୍କୁ ଜଣାଉଛି ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆସନ୍ତୁ ସମସ୍ତେ ମିଶି ଭୋଗରାଇ ଶିକ୍ଷାଜଗତକୁ ନୂଆ ଦିଗ୍‌ଦର୍ଶନ ଦେବା।
**ମିହିର କୁମାର ପ୍ରଧାନ**
ସହକାରୀ ଶିକ୍ଷା ଅଧିକାରୀ, ଭୋଗରାଇ

CLASSIFIED DISPLAY















ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ



# ଯୋଜନାର ପୁନଃ ସମୀକ୍ଷା

ଓଡ଼ିଶାରେ ପିଲାବିକ୍ରି କଥା ଉଠିଲେ ଗତ ଶତାବ୍ଦୀର ୮୦ ଦଶକ କଥା ମନେପଡ଼େ। ଦାରିଦ୍ର୍ୟ ଯୋଗୁ କଳାହାଣ୍ଡି ଜିଲାରେ ଲୋକେ ପିଲାଙ୍କୁ ବିକ୍ରି କରିଦେଉଥିଲେ। ସେଥିପାଇଁ ସେତେବେଳେ ବାହାରେ ଓଡ଼ିଶା ଏକ ଗରିବ ରାଜ୍ୟ ଭାବେ କୁଖ୍ୟାତି ଅର୍ଜନ କରିଥିଲା। ଏବେ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଯୋଜନା କରାଯାଇଛି। ଶିଶୁଟିଏ ଜନ୍ମ ହେବାଠାରୁ ବୟସ୍କଙ୍କ ମୃତ୍ୟୁ ଯାଏ ଅନେକ କାର୍ଯ୍ୟକ୍ରମ ମେଲାଇ ଦିଆଯାଇଛି। ବିଭିନ୍ନ ଯୋଜନା ମାଧ୍ୟମରେ ସରକାରୀ ସାହାଯ୍ୟ ପହଞ୍ଚୁଥିବାରୁ ବିଗତ ଦଶନ୍ଧିଠାରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଏଭଳି ପିଲାବିକ୍ରି ଖବର ଶୁଣାଯାଉ ନ ଥିଲା। ବିଶେଷକରି ଟଙ୍କିକିଆ ଚାଉଳ ଏହାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି କୁହାଯାଇପାରେ। ଅବଶ୍ୟ ସେହି ଯୋଜନାର ଅନେକ ସମାଲୋଚକ ସୃଷ୍ଟି ହୋଇଛନ୍ତି। ସେମାନଙ୍କର ମୁଖ୍ୟ ବିରୋଧୀ ଯୁକ୍ତି ହେଉଛି ଯେ, ଟଙ୍କିକିଆ ଚାଉଳ ଯୋଗୁ କର୍ମକୋଢ଼ ସୃଷ୍ଟି ହୋଇଯାଉଛନ୍ତି। ଅପରପକ୍ଷରେ ଏକ ଜନମଙ୍ଗଳକାରୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବନିମ୍ନ ସ୍ତରର ସ୍ୱାର୍ଥକୁ ଜଗିବା ସରକାରଙ୍କ ମୁଖ୍ୟ ଦାୟିତ୍ୱ ହୋଇଥାଏ। ବିବାଦ ମଧ୍ୟରେ ଥିବା ସତ୍ତ୍ୱେ ଏହି ଯୋଜନାକୁ କେହି ବି ସକ୍ରିୟ ଭାବେ ବିରୋଧ କରିନାହାନ୍ତି। ଏବେ ହଠାତ୍ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଗତ ୧୫ ଦିନ ମଧ୍ୟରେ ବାଲେଶ୍ୱର ପରି ଉପକୂଳ ଜିଲାରେ ଦୁଇଟି ଘଟଣା ଘଟିଯାଇଛି। ଅଗଷ୍ଟ ୨୭ରେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପିଠାହତା ଅଞ୍ଚଳରେ ଦାରିଦ୍ର୍ୟର ତାଡ଼ନା ସହି ନ ପାରି ଜଣେ ମହିଳା ତାଙ୍କର ୫ ଦିନର ଶିଶୁକନ୍ୟାଙ୍କୁ ଲାଳନପାଳନ କରିବାରେ ଅସମର୍ଥ ହୋଇ ଶେଷରେ ତାହାକୁ ଦାନ କରି ଦେଇଥିଲେ। ସେହିପରି ୧୩ ସେପ୍ଟେମ୍ବରରେ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ଦରଘାପଡ଼ିଆ ଅଞ୍ଚଳରେ ଦମ୍ପତି ସେମାନଙ୍କ ୭ ଦିନର ପୁଅକୁ ମାତ୍ର ୨୦ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ଦୁଇ ମାସ ତଳେ ସୋନପୁର ଜିଲା ବିନିକା ଥାନା ଅନ୍ତର୍ଗତ ବିଶାଳପାଲରେ ଆଈ ତାଙ୍କ ନାତିକୁ ବିକ୍ରି କରିଦେବା ଘଟଣା ରାଜ୍ୟରେ ଚହଳ ପକାଇଥିଲା।

ଏହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ପିଲାବିକ୍ରି ହେଉଥିବା ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ପ୍ରଶାସନ ଏହିସବୁ ଘଟଣାକୁ କେତେ ଗୁରୁତ୍ୱ ଦେଉଛି, ତାହା ପଦାରେ ଜଣାପଡୁନାହିଁ। କିନ୍ତୁ ଏହିଭଳି ଖବର ମିଳିବା ଏକ ସତର୍କଘଣ୍ଟି ବୋଲି ପ୍ରଶାସନ ବୁଝିବା ଦରକାର। ମନେହେଉଛି ଯେପରି ସବୁ ଉତ୍ତମ ଉଦ୍ଦେଶ୍ୟ ଥିବା ସତ୍ତ୍ୱେ ଆଭ୍ୟନ୍ତରୀଣ କାର୍ଯ୍ୟରେ ଉଇ ଲାଗିଗଲାଣି। ଗରିବ ଓ ଅସହାୟ ଜନସାଧାରଣଙ୍କ ପାଖରେ ପହଞ୍ଚୁଥିବା ସରକାରୀ ଯୋଜନା ପାଇଁ ଓଡ଼ିଶା ଅନେକ ଥର ପ୍ରଶଂସିତ ହୋଇଥିଲା। ଏବେକାର ଏହିଭଳି ଘଟଣାର ଖବର ଧାରଣା ସୃଷ୍ଟି କରିପାରେ ଯେ ପାଇବାକୁ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ପରିବର୍ତ୍ତେ ସେହିସବୁ ଯୋଜନାର ସାମଗ୍ରୀ ଓ ଅର୍ଥ ଅଯୋଗ୍ୟଙ୍କ ପାଖକୁ ପଳାଇଯାଉଛି। ଦୁର୍ନୀତି ହୋଇଛି ବୋଲି କହିବା କଷ୍ଟକର, କାରଣ ତା'ର ପ୍ରମାଣ ଯୋଗାଡ଼ କରିବା ଅସମ୍ଭବ।

ଯଦି ଗୋଟିଏ ପଟେ ଅତ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଅତ୍ୟାବଶ୍ୟକ ଯୋଜନା ଠିକରେ ପହଞ୍ଚି ପାରୁନାହିଁ, ସରକାରଙ୍କ ଦ୍ୱାରା ଘୋଷିତ ହେଉଥିବା ଭିନ୍ନ ଧରଣର ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି। ନିକଟରେ ରାଜ୍ୟ ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ବିବାହ ବିଚ୍ଛେଦ ପାଇଁ ସ୍ତ୍ରୀ ଓ ସ୍ୱାମୀ କୋର୍ଟରେ ଆବେଦନ କରୁଛନ୍ତି। କିନ୍ତୁ ଏହି ଆବେଦନର ଫଏସଲା ହେବାକୁ ଦୀର୍ଘ ବର୍ଷ ଲାଗିଯାଇଥାଏ। ଏହି ସମୟରେ ଖର୍ଚ୍ଚ ତୁଲାଇବା ସକାଶେ ସମ୍ପୃକ୍ତ ମହିଳାଙ୍କ ନିକଟରେ କୌଣସି ସମ୍ବଳ ନ ଥାଏ ବୋଲି କୁହାଯାଉଛି। ତେଣୁ ସେଭଳି ସ୍ଥଳେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପେନ୍‌ସନ ଯୋଗାଇ ଦେବାକୁ ସରକାର ବିଚାର କରୁଛନ୍ତି। ଏମିତି ଦେଖିଲେ ମଧୁବାବୁ ପେନ୍‌ସନ ଯୋଜନାରେ ପରିତ୍ୟକ୍ତ ବୟସ୍କ ଓ ପରିତ୍ୟକ୍ତ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି। ହେଲେ ଅନେକ ସମୟରେ ଅଭିଯୋଗ ଆସିଥାଏ ଯେ, ବୟସ୍କ ବ୍ୟକ୍ତିମାନେ ଯୋଜନାର ସୁଫଳ ପାଇପାରୁନାହାନ୍ତି। ତେଣୁ ସବୁବେଳେ ଯେ ଆର୍ଥିକ ସ୍ୱଚ୍ଛଳ ଅବସ୍ଥାରେ ସ୍ୱାମୀ ରହିଥାଏ ଏବଂ ସ୍ତ୍ରୀ ଅନଟନର ଶିକାର ହେଉଥାଏ, ଭାବିବା ମଧ୍ୟ ବାସ୍ତବ ହୋଇ ନ ପାରେ। ଅନେକ ଘଟଣାରେ ବିଭିନ୍ନ କାରଣରୁ ଛାଡ଼ପତ୍ର ପରିସ୍ଥିତି ଉପୁଜେ, ଯେଉଁଥିରେ କେବଳ ସ୍ୱାମୀ କିମ୍ବା ସ୍ତ୍ରୀ ଦାୟୀ ବୋଲି ସ୍ପଷ୍ଟ ଜଣାପଡ଼େନାହିଁ। ଏଭଳି ପରିସ୍ଥିତିରେ ସରକାରଙ୍କ ଅଭିନବ ଯୋଜନା ମହିଳାଙ୍କ ପାଇଁ ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ବାଟମାରଣା ହେବାର ସୁଯୋଗ ସୃଷ୍ଟି କରୁଛି। ତେବେ ୧୬ ସେପ୍ଟେମ୍ବରରେ ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ଏବେ ଆଧାର ସଂଯୋଗ ନ ଥିବା ଯୋଗୁ ୧ ଲକ୍ଷ ୮୪ ହଜାର ୯୫୦ ପରିବାରର ୧୮ ଲକ୍ଷ ୬୭ ହଜାର ୮୦୩ ବ୍ୟକ୍ତି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରୁ ବାଦ୍ ପଡ଼ିପାରନ୍ତି। ଫଳରେ ସେମାନେ ଯୋଗ୍ୟ ହିତାଧିକାରୀ ହୋଇ ମଧ୍ୟ ଅଯୋଗ୍ୟ ସାବ୍ୟସ୍ତ ହେବେ। ଫଳରେ ଆଗକୁ ସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସେଥିପାଇଁ ନୂଆ ଯୋଜନା କରିବା ପରିବର୍ତ୍ତେ କ୍ରମଶଃ ବିଫଳ ହେବାର ସଙ୍କେତ ମିଳୁଥିବା ଯୋଜନା ବା କାର୍ଯ୍ୟକ୍ରମଗୁଡ଼ିକର ପୁନଃ ମୂଲ୍ୟାୟନ ଏବଂ ସମୀକ୍ଷା କରାଯାଇ ସେଗୁଡ଼ିକର ନୂତନ ଭାବେ କାର୍ଯ୍ୟକାରିତା ଦିଗକୁ ଦୃଷ୍ଟି ଦିଆଯିବା ଉଚିତ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 8 | | | | | | D | | | | | | |
| | | | A | 3 | | 0 | 5 | | D | | | | | |
| 4 | 0 | | | | 9 | | 7 | | 1 | 2 | | | | |
| C | | | E | | | | | | 6 | | | | B | 8 |
| 1 | | D | | | 4 | 2 | C | | 3 | | 5 | | | |
| | 4 | 1 | | 7 | B | | | A | | | 6 | | | |
| | | 5 | | 1 | | 6 | | | 2 | 3 | | | | |
| | | | 3 | | | | 8 | B | | A | | | | E |
| | | | 6 | | 8 | 5 | E | | | C | | B | | |
| | B | | | | | 3 | D | | 8 | | | | | 2 |
| B | | | 4 | E | | | 3 | 2 | C | | | | D | 0 |
| | 2 | | | | | | | | | 7 | | | 9 | |
| | C | | 1 | 2 | 5 | 8 | B | | | | A | | | |
| 7 | D | 0 | | | | | | | | E | 8 | | C | |
| | | | D | B | | | | E | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | D | 9 | 5 | 4 | 3 | 0 | 7 | B | C | 6 | E | 8 | A |
| E | A | C | B | 7 | 8 | 1 | 6 | 4 | 2 | D | 9 | 0 | 5 | 3 |
| 0 | 7 | 4 | 3 | 1 | A | C | 2 | 9 | E | 5 | 8 | D | B | 6 |
| 8 | 6 | 9 | 2 | 0 | E | D | 5 | B | A | 3 | 1 | 7 | 4 | C |
| B | 5 | 3 | 6 | D | C | 8 | E | A | 0 | 7 | 4 | 1 | 2 | 9 |
| 6 | B | 7 | C | 8 | 1 | 9 | 3 | 2 | D | A | 5 | 4 | 0 | E |
| C | E | 5 | 4 | 3 | 0 | A | D | 6 | 9 | 8 | B | 2 | 1 | 7 |
| D | 0 | 8 | A | 6 | 9 | B | 1 | E | 4 | 2 | 7 | 3 | C | 5 |
| 2 | 4 | 1 | 7 | E | B | 5 | C | 8 | 3 | 6 | 0 | 9 | A | D |
| 9 | 3 | A | D | 2 | 5 | 7 | 4 | 0 | C | 1 | E | B | 6 | 8 |
| 5 | 1 | 2 | 0 | 9 | D | 6 | 7 | 3 | 8 | 4 | A | C | E | B |
| 4 | 8 | 0 | 5 | B | 3 | E | A | D | 1 | 9 | C | 6 | 7 | 2 |
| A | D | E | 8 | 4 | 6 | 2 | B | C | 7 | 0 | 3 | 5 | 9 | 1 |
| 7 | C | B | 1 | A | 2 | 4 | 9 | 5 | 6 | E | D | 8 | 3 | 0 |
| 3 | 9 | 6 | E | C | 7 | 0 | 8 | 1 | 5 | B | 2 | A | D | 4 |

ଗତକାଲିର ଉତ୍ତର

# ଅତୁଳନୀୟ ନେତା



ପ୍ରକାଶ ଜାଭଡେକର

ସବୁ ନେତା ସମାନ ସ୍ତରର ନୁହନ୍ତି। ପଞ୍ଚମ ସ୍ତରର ନେତୃତ୍ୱ (ଲିଭେଲ ୫ ଲିଡରଶିପ୍) ଭିତରେ ରହିଛି: ସାଧୁତା ଓ ନୀତିନିଷ୍ଠତା, ପ୍ରତିବଦ୍ଧତା ଓ ଉତ୍ସାହ, ନିଷ୍ପତ୍ତି ନେବାର କ୍ଷମତା ଓ ଉତ୍ତରଦାୟିତ୍ୱ। ସର୍ବୋପରି ସେ ହେବା ଦରକାର ଉତ୍ତମ ଯୋଗାଯୋଗ ରକ୍ଷାକାରୀ (କମ୍ୟୁନିକେଟର), ସର୍ଜନଶୀଳ, ନବୋଭାବନଶୀଳ ଏବଂ ଜଣେ ପ୍ରେରଣାଦାୟୀ ନେତା। ଏହି ସମସ୍ତ ଗୁଣ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ ରହିଛି। ତାଙ୍କର ସାଧୁତା ଓ ସଚ୍ଚୋଟତା ଅତୁଳନୀୟ। ତାଙ୍କ ପାଇଁ ବ୍ୟକ୍ତିଗତ ସ୍ୱାର୍ଥ ବୋଲି କିଛି ନାହିଁ, ଦେଶର ସ୍ୱାର୍ଥ ହିଁ ତାଙ୍କର ସ୍ୱାର୍ଥ। ସେ ୧୨ ବର୍ଷ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ହିଁ ତାଙ୍କର ଏହି ଭାବମୂର୍ତ୍ତିକୁ ଲୋକମାନେ ବ୍ୟାପକଭାବେ ଗ୍ରହଣ କରିନେଇଥିଲେ। ତା'ପରେ ୨୦୦୪ରୁ ୨୦୧୪ ଭିତରେ ଦେଶରେ ଦେଖାଗଲା ବ୍ୟାପକ ଦୁର୍ନୀତି, ଉପଯୁକ୍ତ ନେତୃତ୍ୱର ଅଭାବ ଏବଂ ନୀତିଗତ ସ୍ଥାଣୁତା। ତେଣୁ ସେ ଲୋକମାନଙ୍କ ନଜରକୁ ଆସିଲେ। ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ମଧ୍ୟ ତାଙ୍କର ସାଧୁତା ଓ ସଚ୍ଚୋଟତା ନେଇ ନିସଂଶୟ ଥିଲେ। ଏହା ଜଣାଶୁଣା ଯେ, ଦକ୍ଷତାହୀନ ପାଠୁଆଠାରୁ ଦକ୍ଷ ଓ ବୁଦ୍ଧିଆ ନିରକ୍ଷର ହେଉଛି ଢେର ଅଧିକ ପ୍ରଭାବଶାଳୀ। ଗତ ପାଞ୍ଚବର୍ଷ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବିରୋଧରେ ଗୋଟିଏ ବି ଦୁର୍ନୀତି ଅଭିଯୋଗ ଆସିନାହିଁ। ଯେତେବେଳେ ଶେଷ ମୁହୂର୍ତ୍ତରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା, ସେତେବେଳେ ଇସ୍ରୋ ବୈଜ୍ଞାନିକମାନଙ୍କୁ ମୋଦି ପ୍ରବୋଧନା ଦେଇଥିଲେ। ସେତେବେଳେ ତାଙ୍କର ଦରଦୀ ବଦନ ସ୍ପଷ୍ଟ ଦେଖାଯାଉଥିଲା। ଶ୍ରୀହରିକୋଟା ଛାଡ଼ିବା ପୂର୍ବରୁ ସେ ଇସ୍ରୋର ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ଅତ୍ୟନ୍ତ ପ୍ରେରଣାପ୍ରଦ ଭାଷଣ ଦେଇଥିଲେ।

୨୦୧୪ରେ ନିର୍ବାଚନରେ ବିଜୟପ୍ରାପ୍ତ ହୋଇ କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଗଣତନ୍ତ୍ରର ମନ୍ଦିର ପାର୍ଲାମେଣ୍ଟ ଭବନର ପାହାଚ ଉପରେ ମୁଣ୍ଡିଆ ମାରିଥିଲେ ଏବଂ ତା'ପରେ ସମ୍ବିଧାନକୁ ପ୍ରଣାମ କରିବା ସହ ଘୋଷଣା କରିଥିଲେ ଯେ ତାଙ୍କ ସରକାର ଗରିବ, ଅନୁସୂଚିତ ଜାତି ଓ ଉପଜାତି, ଦଳିତ, ଉତ୍ପୀଡ଼ିତ ଓ ଅବହେଳିତ ଲୋକମାନଙ୍କ ପାଇଁ ଉତ୍ସର୍ଗୀକୃତ। ସେ ଏକ ସ୍ଲୋଗାନ ଦେଇଥିଲେ: 'ସବ୍‌କା ସାଥ୍, ସବ୍‌କା ବିକାଶ'। ଏ ବର୍ଷ ସେ ଉକ୍ତ ସ୍ଲୋଗାନରେ ଆଉ ଏକ ପଦ ଯୋଡ଼ିଛନ୍ତି 'ସବ୍‌କା ବିଶ୍ୱାସ', ଯେଉଁଥିରୁ ତାଙ୍କର ଉଦ୍ଦେଶ୍ୟ ସହଜରେ ବୁଝିହେଉଛି।

ମୋଦି ଭିନ୍ନ ଭାବରେ ଚିନ୍ତା କରନ୍ତି ଏବଂ ତାଙ୍କର କାର୍ଯ୍ୟଶୈଳୀ ମଧ୍ୟ ଭିନ୍ନ ପ୍ରକାରର। ଅନୁପ୍ରେରିତ କରିବା ଓ ଅମଲାତନ୍ତ୍ରର ପୂର୍ଣ୍ଣ ସହଯୋଗ ପାଇବା ପାଇଁ ସେ ସରକାରଙ୍କ ୧୦ଟି ବିଭିନ୍ନ କ୍ଷେତ୍ର ଲାଗି ରୋଡ୍-ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଚିବମାନଙ୍କ ୧୦ଟି ଗ୍ରୁପ୍‌କୁ ନିଯୁକ୍ତି ଦେଇଥିଲେ। ସମସ୍ତ ଗ୍ରୁପ୍ ନିଜ ନିଜର ପ୍ରସ୍ତୁତ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଏବଂ ସେସବୁକୁ ପରୀକ୍ଷା ନିରୀକ୍ଷା କରିବା ପରେ ସେ ସେମାନଙ୍କୁ ତ୍ୱରିତ୍ୟର ସହ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। ତା' ପରବର୍ଷ ସେ ସେମାନଙ୍କୁ ନିଜ ନିଜର ଅଗ୍ରଗତି ବିଷୟରେ ଜଣାଇବା ପାଇଁ କହିଥିଲେ। ସମ୍ଭବତଃ ସେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ପରୀକ୍ଷାରେ କିପରି ସଫଳତା ଅର୍ଜନ କରିହେବ ଏବଂ ଜୀବନର ବିଭିନ୍ନ ଆହ୍ୱାନକୁ କିପରି ମୁକାବିଲା କରାଯାଇପାରିବ ସେ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରାଇବା ଓ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ କରାଇବା ପାଇଁ ଏକ ପୁସ୍ତକ ଲେଖିଛନ୍ତି। ସେ ଏହି ପୁସ୍ତକର ନାମ ଦେଇଛନ୍ତି 'ଏକ୍‌ଜାମ ୱାରିୟର୍ସ' (ପରୀକ୍ଷାର ଯୋଦ୍ଧା)। ପ୍ରଥମ ଦୁଇବର୍ଷ ଭିତରେ ସେ ୧୦୦ ନିଯୁତରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନପ୍ରଦାନ ସମୟରେ ସେ ପବ୍-ଜିର ସୂଚନା ଦେଇଛନ୍ତି, ଯେଉଁଥିରୁ ବୁଝାପଡୁଛି ସେ ସବୁକିଛି ବିଷୟରେ ସଚେତନ ଅଛନ୍ତି। ସେ ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କ ସହ ତୁରନ୍ତ ଯୋଗାଯୋଗର ବ୍ୟବସ୍ଥା କରିଛନ୍ତି। ସେ ସମ୍ଭବତଃ ପ୍ରଥମ ଭାରତୀୟ ରାଜନୀତିଜ୍ଞ ଯିଏ ସାମାଜିକ ଗଣମାଧ୍ୟମର ମହତ୍ତ୍ୱ ବୁଝିଛନ୍ତି ଏବଂ ଯୁବବର୍ଗ ସହ ଯୋଗାଯୋଗ କରିବା ପାଇଁ ଏହାକୁ ସଫଳତାର ସହ ବ୍ୟବହାର କରୁଛନ୍ତି। ସେ ଜଣେ ଅତି ଉତ୍ତମ ଯୋଗଯୋଗକାରୀ। ସେ ସିଧାସଳଖ ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ଏବଂ ସେମାନଙ୍କ ସହ ଏକ ବନ୍ଧନ ଯୋଡ଼ିବା ସହ ସେମାନଙ୍କ ଭିତରେ ବିଶ୍ୱାସ ସ୍ଥାପନ କରନ୍ତି। ଗ୍ୟାସ୍ ସବ୍‌ସିଡି ବା ଯାତ୍ରାକାଳୀନ ରିହାତି ଛାଡ଼ିବା ଲାଗି ତାଙ୍କର ଆବେଦନକୁ ଲୋକମାନେ ବହୁସଂଖ୍ୟାରେ ଗ୍ରହଣ କରିଛନ୍ତି। ଯୋଗାଯୋଗ ମାଧ୍ୟମରେ ସେ ଲୋକମାନଙ୍କୁ ଅନୁପ୍ରେରିତ କରନ୍ତି। ଜିଏସ୍‌ଟି, ବିମୁଦ୍ରୀକରଣ, ସର୍ଜିକାଲ ଷ୍ଟ୍ରାଇକ୍, ବାଲାକୋଟ ଏୟାର୍ ଷ୍ଟ୍ରାଇକ୍, ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ, ଧାରା ୩୭୦ ଉଚ୍ଛେଦ, ତିନି ତଲାକ ନିଷେଧ ଆଇନ ଇତ୍ୟାଦି ହେଉଛି ତାଙ୍କ ନିର୍ଣ୍ଣାୟକ ନେତୃତ୍ୱର ଗୋଟିଏ ଗୋଟିଏ ଉଦାହରଣ।

୧୦ ପ୍ରତିଶତ ଇବିସି ସଂରକ୍ଷଣ, ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ଉଜାଲା ଏଲ୍‌ଇଡି ବଲ୍‌ବ ପ୍ରଦାନ, ମୁଦ୍ରା, ସ୍କିଲ୍ ଇଣ୍ଡିଆ, ଆୟୁଷ୍ମାନ୍ ଭାରତ, କିଷାନ ସମ୍ମାନ, ଅସଂଗଠିତ ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ, କୃଷକଙ୍କୁ ପେନସନ ଯୋଜନା, କୃଷକଙ୍କୁ ତାଙ୍କ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପ୍ରଦାନ, ୯୫ ନିଯୁତ ପାଇଖାନା ନିର୍ମାଣ ପ୍ରଭୃତି ହେଉଛି ଗରିବ ସଶକ୍ତୀକରଣର କେତୋଟି ନମୁନା। ଜିଏସ୍‌ଟି ହେଉଛି ସମବାୟ ସଂଘବାଦ ପ୍ରତି ତାଙ୍କ ବିଶ୍ୱାସର ଏକ ଜୀବନ୍ତ ଉଦାହରଣ। ଭୋଟ ମାଧ୍ୟମରେ ନିଷ୍ପତ୍ତି ନେବାର ବ୍ୟବସ୍ଥା ଥିଲେ ମଧ୍ୟ ଜିଏସ୍‌ଟି ଆଇନର ପ୍ରତ୍ୟେକଟି ଶବ୍ଦ, ନିୟମ ଓ ରେଟ୍ ବିଷୟରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ରାଷ୍ଟ୍ର ସମ୍ପଦରୁ ରାଜ୍ୟଗୁଡ଼ିକୁ ଦିଆଯିବା ଅଂଶକୁ ୩୨ ପ୍ରତିଶତରୁ ୪୯.୫ ପ୍ରତିଶତକୁ ବୃଦ୍ଧି କରିବା ତାଙ୍କର ସଂଘବାଦ ଉପରେ ବିଶ୍ୱାସକୁ ଦୃଢ଼ୀଭୂତ କରେ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଦ୍ୱିତୀୟ ପାଳି ସରକାରରେ କେତେକ ନୂଆ ଲକ୍ଷ୍ୟ ସମ୍ପର୍କରେ ଘୋଷଣା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ୫ ଟ୍ରିଲିୟନ ଡଲାର ଇକୋନୋମି, ପ୍ରତ୍ୟେକ ଗୃହକୁ ଜଳଯୋଗାଣ, ସବୁ ବର୍ଗକୁ ସାମାଜିକ ନିରାପତ୍ତା ପ୍ରଦାନ ଏବଂ ସର୍ବୋପରି ସବ୍‌କା ବିଶ୍ୱାସ। ସେ ହେଉଛନ୍ତି ସର୍ଜନଶୀଳ ଓ ନବୋଭାବନଶୀଳ। ସେ ଜାଣିଛନ୍ତି ଯେ ଭାରତ ନବୋଭାବନରେ ପଛୁଆ ଏବଂ କେବଳ ଗବେଷଣା ଓ ନବୋଭାବନ ମାଧ୍ୟମରେ ଭାରତକୁ ଏକ ବିକଶିତ ଦେଶରେ ପରିଣତ କରାଯାଇପାରିବ। ସେଥିପାଇଁ ସେ ପ୍ରାୟ ୩୦୦୦ ସ୍କୁଲରେ ଅଟଳ ଟେକ୍ନୋଲୋଜି ଲ୍ୟାବ୍ ଆରମ୍ଭ କରିଛନ୍ତି, ଯେଉଁଠି ରୋବୋଟିକ୍ସ, ୩ଡି ପ୍ରିଣ୍ଟିଂ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ଉପଲବ୍ଧ ହେବ। ଏହିସବୁ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଛାତ୍ରୀଛାତ୍ରମାନେ ଗବେଷଣା କରିବେ ଏବଂ ଉତ୍ସାହପ୍ରଦ ଚିନ୍ତାଧାରାର ବିକାଶ କରିବେ। ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ନିମନ୍ତେ ସେ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍'ର ବିକାଶ କରିଛନ୍ତି, ଯେଉଁଥିରେ ବିଭିନ୍ନ ଛାତ୍ରଦଳ କେତେକ ସମସ୍ୟା ଉପରେ କାର୍ଯ୍ୟ କରିବେ ଓ ତା'ର ଡିଜିଟାଲ/ହାର୍ଡୱାର ସମାଧାନ ବାହାର କରିବେ। ଏହାର ଅନ୍ତିମ ପର୍ଯ୍ୟାୟ ୨୫ଟି କେନ୍ଦ୍ରରେ ଆୟୋଜନ କରାଯାଇଛି, ଯେଉଁଠି ୧୦୦୦୦ ଛାତ୍ର ନିରବଚ୍ଛିନ୍ନ ଭାବେ ୩୬ ଘଣ୍ଟା କାର୍ଯ୍ୟ କରିବେ। ପ୍ରତିବର୍ଷ ସେ ଏହି ଛାତ୍ରମାନଙ୍କ ସହ ମଧ୍ୟରାତ୍ରରେ ଯୋଗାଯୋଗ କରୁଛନ୍ତି ଓ ସେମାନଙ୍କୁ ପ୍ରେରଣା ଦେଉଛନ୍ତି। ବିଭିନ୍ନ ଆଇଆଇଟି/ଏନ୍‌ଆଇଟିରେ ସେ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର ସ୍ଥାପନ କରିଛନ୍ତି। ଚଳିତ ବଜେଟରେ ସେ ଜାତୀୟ ଗବେଷଣା ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ବାସ୍ତବରେ ଆଗେଇ ଚାଲିଥିବା ଗବେଷଣାକୁ ଉତ୍ସାହିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ସ୍କଲାରଶିପ୍ ମଞ୍ଜୁର କରିଛନ୍ତି। ବିଭିନ୍ନ ଷ୍ଟାର୍ଟ-ଅପ୍ କମ୍ପାନୀ ସହ ସେ ନିୟମିତଭାବେ ଯୋଗାଯୋଗ କରିବା ସହ ନୂତନ ଚିନ୍ତାଧାରା ପୋଷଣ କରୁଥିବା ଯୁବବର୍ଗଙ୍କୁ ସାକ୍ଷାତ୍ କରୁଛନ୍ତି।

(ଲେଖକ କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ)

# କିଙ୍ଗ୍-ମେକରଙ୍କ ଭୂମିକା



ବୈକୁଣ୍ଠନାଥ ମିଶ୍ର

ଅନେକ ସମୟରେ ଦେଖାଯାଏ ଯେ, କୌଣସି ଶାସନର ସର୍ବୋଚ୍ଚ ସ୍ତରରେ ଏପରି ଜଣେ ଜଣେ ବିଦ୍ୱାନ୍ ବ୍ୟକ୍ତିଙ୍କର ଆବିର୍ଭାବ ଘଟିଥାଏ, ଯାହାଙ୍କର ଅନନ୍ୟ ପ୍ରତିଭା ଯୋଗୁ ଶାସନ ମୁଖ୍ୟ ତାଙ୍କ ଉପରେ ବେଶ୍ ନିର୍ଭରଶୀଳ ହୋଇଥାନ୍ତି। ସେମାନେ ନିଜେ କିଙ୍ଗ୍ ନ ହୋଇ କିଙ୍ଗ୍‌ମେକରର ଭୂମିକା ନିର୍ବାହ କରନ୍ତି। ସେହି କିଙ୍ଗ୍‌ମେକରମାନେ ପ୍ରଚ୍ଛଦପଟ ନାୟକ ହିସାବରେ ତାଙ୍କ ବିଚକ୍ଷଣତାର ପ୍ରୟୋଗ କରି ମୁଖ୍ୟଙ୍କୁ ସଦା ବିପଦମୁକ୍ତ କରିବା ସହ ତାଙ୍କ ସଫଳତାର ମାର୍ଗ ଉନ୍ମୁକ୍ତ କରନ୍ତି। ବିରୋଧୀ ଏପରିକି ଆପଣା ଲୋକଙ୍କ ପକ୍ଷରୁ ବାରମ୍ବାର ଆପତ୍ତି ଅଭିଯୋଗ କରାଯାଉଥିଲେ ମଧ୍ୟ ଶାସନମୁଖ୍ୟ ସେଥିପ୍ରତି ଉଦାସୀନ ରହନ୍ତି। ଶାସନ ପରିଚାଳନାରେ ସେମାନଙ୍କ ଦକ୍ଷତା, ନିଷ୍ଠା, ମୂଲ୍ୟବାନ ଉପଦେଶ ତଥା ପରାମର୍ଶ ସେମାନଙ୍କୁ ମୁଖ୍ୟଙ୍କର ଅତି ବିଶ୍ୱସ୍ତ ଓ ନିର୍ଭରଶୀଳ କରିଥାଏ।

ଇତିହାସ ପୃଷ୍ଠା ଏପରି କିଙ୍ଗ୍‌ମେକରଙ୍କ ବିରଳ କୃତିତ୍ୱରେ ଚିର ଭାସ୍ୱର। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଆଚାର୍ଯ୍ୟ ଚାଣକ୍ୟ ତିନିପୁରୁଷ ଧରି ଯେଉଁ ଦିଗ୍‌ଦର୍ଶନ ଦେଇ ଆସୁଥିଲେ ତା'ର ପରିଣାମସ୍ୱରୂପ ମୌର୍ଯ୍ୟ ସମ୍ରାଟମାନେ କେବଳ ଦିଗନ୍ତବିସ୍ତୃତ ସାମ୍ରାଜ୍ୟର ଅଧିପତି ହୋଇ ନ ଥିଲେ ବରଂ ଯଶ ଓ କ୍ଷମତାର ପ୍ରାଚୁର୍ଯ୍ୟ ମଧ୍ୟରେ ସୁଶାସକର ଗୌରବ ଅର୍ଜନ କରିଥିଲେ। ଚନ୍ଦ୍ରଗୁପ୍ତ ପରି ଏକ ଗ୍ରାମୀଣ ଯୁବକଙ୍କୁ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟରେ ପରିଣତ କରିବା ମୂଳରେ ନିହିତ ଥିଲା ଚାଣକ୍ୟଙ୍କ ବୁଦ୍ଧି। ସମ୍ରାଟ ବିନ୍ଦୁସାର ଓ ଅଶୋକ ମଧ୍ୟ ଆଚାର୍ଯ୍ୟ ଚାଣକ୍ୟଙ୍କର ପ୍ରାଜ୍ଞ ଅନୁଶାସନର ଏକ ଏକ ସଫଳ ରୂପାୟନ। ଗଭୀର ପ୍ରଜ୍ଞା ଓ ପ୍ରଗାଢ଼ କୂଟନୀତି ସହ ପ୍ରତ୍ୟୁତ୍ପନ୍ନମତିତାର ବିରଳ ସମ୍ମିଶ୍ରଣ ଆଚାର୍ଯ୍ୟଙ୍କୁ ଅନନ୍ୟ କରି ଗଢ଼ିତୋଳିଥିଲା। ବିନ୍ଦୁସାରଙ୍କ ସ୍ୱପତ୍ନୀସମ୍ଭୂତ ତିନି ପୁତ୍ର ଥିଲେ ମଧ୍ୟ ଦାସୀପୁତ୍ର ଅଶୋକଙ୍କଠାରେ ସେ ଦେଖିଥିଲେ ତାଙ୍କ ଈପ୍‌ସିତ ଶାସକର ପ୍ରତିଚ୍ଛବି। ମଗଧ ସମ୍ରାଟଙ୍କ ପକ୍ଷେ କ'ଣ ଉଚିତ ବା ଅନୁଚିତ ତା'ର ସମ୍ଭାବ୍ୟ ନକ୍ସା ଆଙ୍କୁଥିଲେ ଏହି ସ୍ଥିତପ୍ରଜ୍ଞ ଆଚାର୍ଯ୍ୟ। ନିଜେ ନିରାଡମ୍ବର ଜୀବନ ବିତାଇ ଶାସକଙ୍କ ହିତ ଚିନ୍ତନ କରିବା ଥିଲା ଚାଣକ୍ୟଙ୍କର ସର୍ବଶ୍ରେଷ୍ଠ ଆଦର୍ଶ। ଶ୍ରେଷ୍ଠ କୂଟନୀତିଜ୍ଞ କୌଟିଲ୍ୟଙ୍କୁ ଶେଷରେ କୂଟନୀତି ଦ୍ୱାରା ଅଗ୍ନିଦଗ୍ଧ କରି ହତ୍ୟା କରାଗଲା। ଶାସ୍ତ୍ର କହେ ବିଦ୍ୱାନ୍ ଧନୀ ନୁହନ୍ତି କି ନୃପତି ଦୀର୍ଘଜୀବୀ ନୁହନ୍ତି। ତେଣୁ ତ ମୌର୍ଯ୍ୟ ସାମ୍ରାଜ୍ୟର ତିନିପୁରୁଷ ଧରି ସେ ଆରାଧ୍ୟ ଗୁରୁଙ୍କର ସ୍ଥାନ ଅଧିକାର କରିଥିଲେ। ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ- ''ଗନ୍ଧଂ ସୁବର୍ଣ୍ଣେ ଫଳମିକ୍ଷୁଦଣ୍ଡେ ନାକାରି ପୁଷ୍ପଂ ଖଲୁ ଚନ୍ଦନସ୍ୟ, ବିଦ୍ୱାନ୍ ଧନୀ ଭୂପତି ଦୀର୍ଘଜୀବୀ ଧାତୁଃ ପୁରା କୋଽପି ନ ବୁଦ୍ଧିଦୋଽଭୂତ୍।'' ଅର୍ଥାତ୍ ମୂଲ୍ୟବାନ ଧାତୁ ସୁବର୍ଣ୍ଣରେ ଗନ୍ଧ ନାହିଁ, ଆଖୁଗଛ ମିଠା କିନ୍ତୁ ଏହାର ଫଳ ନାହିଁ। ସୁଗନ୍ଧିତ ଚନ୍ଦନ ବୃକ୍ଷରେ ଫୁଲ ନାହିଁ। ବିଦ୍ୱାନ୍, ଗୁଣୀ କିନ୍ତୁ ଧନୀ ନୁହନ୍ତି। କ୍ଷମତା ଓ ପରାକ୍ରମର ଉତ୍କର୍ଷ ଥିଲେ ମଧ୍ୟ ରାଜାମାନେ ଦୀର୍ଘଜୀବୀ ନୁହନ୍ତି। ବୋଧହୁଏ ବିଧାତାଙ୍କର କେହି ପରାମର୍ଶଦାତା ନ ଥିଲେ।

ମୋଗଲ ସମ୍ରାଟ ଆକବରଙ୍କ ସମୟର ଏକ କାହାଣୀ, ଯେଉଁଥିରେ କିଙ୍ଗ୍‌ମେକରଙ୍କ ଭୂମିକା ପ୍ରଦର୍ଶିତ ହୋଇଛି। ସମ୍ରାଟଙ୍କ ରାଜସଭାରେ ଅନେକ ଜ୍ଞାନୀ, ଗୁଣୀ ପଣ୍ଡିତ ଥିଲେ ବି ତାଙ୍କ ପାଇଁ ନିର୍ଭରଯୋଗ୍ୟ ଥିଲେ ପଣ୍ଡିତ ବୀରବଲ, ଯାହାଙ୍କର ଅନନ୍ୟ ପ୍ରତିଭା ସମ୍ରାଟଙ୍କୁ ଯେ କୌଣସି ସମସ୍ୟା ଓ ବିପତ୍ତିରୁ ରକ୍ଷା କରୁଥିଲା। ଦ୍ୱିତୀୟତଃ ସଙ୍ଗୀତଜ୍ଞ ତାନ୍‌ସେନ ଥିଲେ ଅତି ପ୍ରିୟ। କୁହାଯାଏ ତାନ୍‌ସେନଙ୍କ ମେଘମଲ୍ଲାର ମୂର୍ଚ୍ଛନାରେ ମେଘମୁକ୍ତ ଆକାଶ ଜଳପ୍ରସୂ ହୋଇ ଝରିପଡୁଥିଲା ସ୍ନିଗ୍ଧ ବାରିଧାରା। ସମ୍ରାଟଙ୍କ ରାଜସଭାର ଉଭୟ ହିନ୍ଦୁ ଓ ମୁସଲମାନ ପାରିଷଦ ମଣ୍ଡଳୀ ଈର୍ଷାନ୍ୱିତ ହୋଇ ଉଭୟଙ୍କ ବିରୋଧରେ ସମ୍ରାଟଙ୍କ ନିକଟରେ ଗୁପ୍ତ ଅଭିଯୋଗ ବାଢୁଥିଲେ। ବାରମ୍ବାର ଏପରି ଅଭିଯୋଗରେ ଅତିଷ୍ଠ ସମ୍ରାଟ ଏକ କୌଶଳର ଆଶ୍ରୟ ନେଲେ।

ଦିନେ ଏକାନ୍ତରେ ସମ୍ରାଟ ବୀରବଲ ଓ ତାନ୍‌ସେନଙ୍କୁ ଡକାଇ ଏକ ପତ୍ର ଦେଇ ବର୍ମା ରାଜଦରବାରକୁ ପ୍ରେରଣ କଲେ। ଅଭିଯୋଗ କରୁଥିବା ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସମ୍ରାଟ ଏ ଗୁପ୍ତ ଚିଠିଟି ପଢ଼ାଇ ନୀରବ ରହିବାକୁ ଆଦେଶ ଦେଲେ। ବୀରବଲ ଓ ତାନ୍‌ସେନ ବର୍ମା ରାଜାଙ୍କୁ ପତ୍ରଟି ହସ୍ତାନ୍ତର କଲେ। ବନ୍ଧୁ ଆକବରଙ୍କ ଦ୍ୱାରା ପ୍ରେରିତ ରାଜଦୂତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ଅତିଥି ଭବନରେ ରଖାଗଲା। କିନ୍ତୁ ଚିଠିଟି ପାଠକଲା ପରେ ରାଜାଙ୍କ ମୁଖମଣ୍ଡଳ ବିଷଣ୍ଣ ହୋଇଗଲା। ଚିଠିରେ ଉଲ୍ଲେଖ ଥିଲା ବନ୍ଧୁ! ପତ୍ରବାହକ ଦୁହେଁ ମୋର ପରମ ହିତୈଷୀ। କିନ୍ତୁ ସେମାନଙ୍କର ଏକ ଗୁରୁତର ଅପରାଧ ପାଇଁ ମୁଁ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେଇ ନ ପାରି ତୁମ ପାଖକୁ ପଠାଇଲି। ଆଶାକରେ ମୋର ଅନୁରୋଧ ରକ୍ଷାକରି ସାତଦିନ ମଧ୍ୟରେ ଏମାନଙ୍କୁ ମୃତ୍ୟୁଦଣ୍ଡ ଦେବ। ଅତିଥିଶାଳାରୁ ଆଣି ଏ ଦୁହିଁଙ୍କୁ କାରାରୁଦ୍ଧ କରାଗଲା। ଘୋଷଣା କରାଗଲା ସପ୍ତମ ଦିନ ସେମାନଙ୍କୁ ଫାଶୀ ଦିଆଯିବ। କାରାଗାରରେ ତାନ୍‌ସେନ ବୀରବଲଙ୍କୁ କହିଲେ ସମ୍ରାଟ ଆକବରଙ୍କର ଏ କି ବିଚାର! ଏହା କ'ଣ ଆମ୍ଭଙ୍କୁ ଭଲପାଇବାର ନମୁନା? ସ୍ଥିତପ୍ରଜ୍ଞ ବୀରବଲ କିନ୍ତୁ ନୀରବ। ନା ତାଙ୍କଠାରେ ଥିଲା ଭୟ ଅବା ବିଚଳିତ ଭାବନା। ଷଷ୍ଠ ରାତ୍ରିରେ ବୀରବଲ ତାନ୍‌ସେନଙ୍କୁ କିଛି ପରାମର୍ଶ ଦେଇ ନିଶ୍ଚିନ୍ତ ନିଦ୍ରା ଯିବାକୁ କହିଲେ। ରାତି ପାହିଲା। ଫାଶୀ ସମୟ ନିକଟତର ହେଲା। ଦୁଇଜଣ ପରସ୍ପର ମଧ୍ୟରେ ଝଗଡ଼ା ଆରମ୍ଭ କରିଦେଲେ। ଉଭୟ ପ୍ରଥମେ ଫାଶୀଖୁଣ୍ଟରେ ଝୁଲିବା ପାଇଁ ଘାତକକୁ ନିବେଦନ କଲେ। ଫାଶୀ ପାଇବାର ଏ ବ୍ୟାକୁଳତାକୁ ଦେଖି ରାଜା, ଘାତକ ଓ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ଉତ୍କଣ୍ଠା ଜାତ ହେଲା। ରାଜା ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ଜାଣିବାକୁ ଚାହିଁବାରୁ ବୀରବଲ କହିଲେ, ମଣିମା! ଆପଣ କାହୁଁ ବୁଝିବେ ସମ୍ରାଟ ଆକବରଙ୍କ କ୍ରୂର ଷଡ଼ଯନ୍ତ୍ର। ସେ ନିଜେ ଆମ ଫାଶୀଦଣ୍ଡର ବ୍ୟବସ୍ଥା ନ କରି ଆପଣଙ୍କ ନିକଟକୁ କାହିଁକି ପଠାଇଲେ? କଥା ହେଲା- ସମ୍ରାଟଙ୍କୁ ତାଙ୍କ ରାଜଜ୍ୟୋତିଷ ସ୍ପଷ୍ଟ ଭାବେ ଜଣାଇଛନ୍ତି ଯେ ବର୍ମା ରାଜାଙ୍କର ଖୁବ୍‌ଶୀଘ୍ର ମୃତ୍ୟୁ ହେବ। ଆମ ଦୁହିଁଙ୍କ ମଧ୍ୟରୁ ଯେ ପ୍ରଥମେ ମୃତ୍ୟୁବରଣ କରିବ, ସେ ତତ୍‌କ୍ଷଣାତ୍ ପୁନର୍ଜନ୍ମ ପାଇବ ଓ ଖୁବ୍‌ଶୀଘ୍ର ବର୍ମାର ରାଜା ହେବ ଏବଂ ପରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ତାଙ୍କର ମନ୍ତ୍ରୀ ହେବ। କିନ୍ତୁ ସେମାନଙ୍କର ବର୍ମାରେ ମୃତ୍ୟୁ ହେବା ଆବଶ୍ୟକ। ଏହାଦ୍ୱାରା ବର୍ମା ସହଜରେ ମୋଗଲ ସାମ୍ରାଜ୍ୟ ସହ ମିଶିଯିବ। କାରଣ ଆମେ ଦୁହେଁ ସମ୍ରାଟଙ୍କର ପ୍ରିୟ ହୋଇଥିବାରୁ ତାଙ୍କର ବଶ୍ୟତା ସ୍ୱୀକାର କରିବୁ। ବର୍ମା ରାଜା ଏ କଥା ଶୁଣି କହିଲେ, ମିତ୍ର ଆକବରଙ୍କ ଏ ମନ୍ଦ ଅଭିଳାଷକୁ ପୂର୍ଣ୍ଣ ହେବାକୁ ଦିଆଯିବ ନାହିଁ। ତୁମ ଦୁହିଁଙ୍କ ମଧ୍ୟରୁ କାହାରିକୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ। ତୁମେ ଏବେ ମୁକ୍ତ।

ମୋ-୯୯୩୭୪୫୦୫୪୦

## ଏଇ ଭାରତରେ

ଟ୍ରାଫିକ୍ ନିୟମ କଡାକଡି କରାଯାଇ ନିୟମ ଖିଲାପକାରୀଙ୍କ ବିରୋଧରେ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଥିବାବେଳେ ଜଣେ ମୃତକଙ୍କ ନାମରେ ଟ୍ରାଫିକ୍ ନିୟମ ଭଙ୍ଗ ଅଭିଯୋଗ ଅଣାଯିବା ଘଟଣା ସାମ୍ନାକୁ ଆସିଛି। ରାଜସ୍ଥାନ ଝାଲାୱାଡ଼ ଜିଲା ପରିବହନ ବିଭାଗ ୮ ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଥିବା ରାଜେନ୍ଦ୍ର କସେରାଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ତାଙ୍କ ଘରକୁ ନୋଟିସ ପଠାଇଛି। ୨୦୧୧ ସେପ୍ଟେମ୍ବରରେ ରାଜେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ସିଟ୍ ବେଲ୍ଟ ନ ବାନ୍ଧି ସେ ଦ୍ରୁତ ବେଗରେ ଗାଡି ଚଲାଉଥିବାବେଳେ ଧରାପଡିଥିଲେ ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ରାଜେନ୍ଦ୍ରଙ୍କ ପରିବାରକୁ ସେପ୍ଟେମ୍ବର ୧୧ରେ ପରିବହନ ବିଭାଗର ଏହି ନୋଟିସ୍ ମିଳିଛି ଓ ସେଥିରେ ତାଙ୍କୁ ବିଭାଗ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। ନୂତନ ମୋଟର ଯାନ ଅଧିନିୟମ ଅନୁସାରେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ପ୍ରକ୍ରିୟା ଶେଷ କରିବା ପାଇଁ ମୃତକଙ୍କୁ ପରିବହନ ବିଭାଗ କାର୍ଯ୍ୟାଳୟକୁ ଡ଼କାଯାଇଛି ବୋଲି କୁହନ୍ତି ତାଙ୍କ ପୁତ୍ର ମନୋଜ କସେରା। ଚିଠିରେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି ଓ ତାହା ପୁଣି ଚାରି ଚକିଆ ଯାନର। କିନ୍ତୁ ରାଜେନ୍ଦ୍ରଙ୍କ ପାଖରେ କେବେ ବି ଚାରି ଚକିଆ ଯାନ ନଥିଲା। ସେ ବାଇକ୍‌ରେ ଝାଲାୱାଡ଼ରେ ବାସନ ବିକୁଥିଲେ। ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ପରିବହନ ବିଭାଗ ମୃତକଙ୍କ ପାଖକୁ ନୋଟିସ ପଠାଇ ବିଭଗର ଖାମଖିଆଲି ଭାବକୁ ପଦାରେ ପକାଇଦେଇଛି।

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୭ ସେପ୍ଟେମ୍ବର ୧୯୯୪

- ଲେବାନନ୍‌ର ଦକ୍ଷିଣାଞ୍ଚଳରେ ଥିବା ନାବଟିଆ ସହରାଞ୍ଚଳରେ ୬ ହଜାର ପାଲେଷ୍ଟାଇନ ପରିବାରକୁ ବାସଗୃହ ଯୋଗାଇଦେବା ପାଇଁ ଏକ ଅନ୍ତର୍ଜାତୀୟ ପ୍ରକଳ୍ପ ହାତକୁ ନିଆଯିବ ବୋଲି ଲେବାନନ୍ ପକ୍ଷରୁ ସୂଚନା।
- ରାଧାକୃଷ୍ଣ ପାତ୍ର ଆଜି ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ତନଖି ବ୍ୟବସ୍ଥା ନିୟମିତ ହେଉ

ମହାଶୟ,

ଓଜନ ମାପରେ ଠକେଇ ହେଉ କିମ୍ବା ପେଟ୍ରୋଲ ପମ୍ପରେ ଠକେଇକୁ ନେଇ ଗଣ୍ଡଗୋଳ ଉପୁଜିଲେ କିଛିଦିନ ହୋହଲ୍ଲା ଚାଲେ। ତତ୍ପର ହୋଇଉଠନ୍ତି ବିଭାଗୀୟ କର୍ତ୍ତୃପକ୍ଷ। ଚାରିଆଡ଼େ ଖୁବ୍ ଜୋରସୋରରେ ତନଖି ମଧ୍ୟ କରାଯାଇଥାଏ। ମାତ୍ର ଏହା ସୀମିତ ସମୟ ପାଇଁ। ତା'ପରେ ଅସାଧୁ ବ୍ୟବସାୟୀମାନେ ପୂର୍ବପରି ସେମାନଙ୍କ ବ୍ୟବସାୟ ଚଳାଇଥାନ୍ତି। ତେଣୁ ବିଭାଗୀୟ ଅଧିକାରୀମାନେ ପ୍ରତି ୭ ବା ୧୫ ଦିନ ବ୍ୟବଧାନରେ ତନଖି କରି ଅସାଧୁ ବ୍ୟବସାୟୀମାନଙ୍କୁ ଦଣ୍ଡବିଧାନ କରିବା ଉଚିତ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ମଣିଷ ବନାମ ମଣିମା

ରାଜତନ୍ତ୍ରର ବିଲୋପ ଘଟି ବର୍ତ୍ତମାନ ଚାଲିଛି ଗଣତନ୍ତ୍ର ଶାସନ। ଜନତନ୍ତ୍ରର ଜୟଧ୍ୱନି ମଧ୍ୟରେ ରାଜତନ୍ତ୍ରର ସେହି ମଣିମା ଶବ୍ଦଟି ହଜିଗଲାଣି ବହୁଦିନରୁ। ମଣିମା ଓ ମଣିଷ ଭିତରେ ପାର୍ଥକ୍ୟ ଏବେ ସଙ୍କୁଚିତ ବୋଲି ଆମେ ଗଣତନ୍ତ୍ରର ମଣିଷମାନେ ଡିଣ୍ଡିମ ପିଟୁଛେ। କିନ୍ତୁ ପ୍ରକୃତ ସତ୍ୟ ହେଲା ଗଣତନ୍ତ୍ରର ଗରିମାରେ ଗୌରବାନ୍ୱିତ ସାଧାରଣ ମଣିଷଟିର ମୋହ ଭଙ୍ଗ ଘଟିସାରିଲାଣି, ଯେଉଁ ଦିନରୁ ସେ କାଳର ରାଜା ଓ ଏ କାଳର ରାଜାଙ୍କ ମଧ୍ୟରେ କିଛି ଫରକ ନାହିଁ ବୋଲି ଜାଣିଲାଣି। ଏ କାଳର ରାଜା ହେଉଛନ୍ତି ମନ୍ତ୍ରୀ। ମନ୍ତ୍ରୀବର ମୁକୁଟ ପିନ୍ଧିବା ଆଗରୁ ନିର୍ବାଚନ ସମୟରେ ଭୋଟଦାତାଙ୍କ ଘରେ ପଖାଳ ଶାଗ ଖାଇବା ଓ ସେହି ପରିବାରର ଲଙ୍ଗଳା ପିଲାଙ୍କୁ କୋଳକୁ ନେଇ ଗେଲ କରିବା ଆଦି ଘଟଣାମାନ ଘଟିବାର ୩/୪ ମାସ ପରେ ତାଙ୍କ ଆଚରଣରେ ମଣିମାତ୍ୱ ଫୁଟି ଉଠୁଛି। ଭୋଟଦାତାଙ୍କୁ ନ ଚିହ୍ନିବାର ଅଭିନୟ ତାଙ୍କୁ ଭେଟୁଥିବା ମଣିଷମାନଙ୍କୁ ଅତି କଷ୍ଟ ଦେଉଛି। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କର 'ମଣିମା ଓ ମଣିଷ' ଆଲେଖ୍ୟଟି ଖୁବ୍ ଉଚ୍ଚକୋଟୀର ଓ ସତ୍ୟ ଉପରେ ଆଧାରିତ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ଦିବସ ସମାରୋହ



**ବାଲିଆପାଳ,୧୬।୯(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୨ତମ ଆବିର୍ଭାବ ଦିବସ ଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସୋମବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବେଦ ମାଙ୍ଗଳିକ ସହିତ ଉଷାକୀର୍ତ୍ତନ, ସମବେତ ପ୍ରାର୍ଥନା, ବାଣୀପାଠ କରାଯାଇଥିଲା। ଏହାପରେ ଠାକୁରଙ୍କର ଜନ୍ମ ଲଗ୍ନ ଘୋଷଣା କରାଯାଇଥିଲା। ପୂର୍ବାହ୍ନ ୧୦ଟା ୩୦ରେ ସଙ୍ଗୀତାଞ୍ଜଳୀ ଓ ୧୧ଟା ୩୦ରେ ସାଧାରଣ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଋତ୍ୱିକ୍ ଚିତ୍ତରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜଗନ୍ନାଥ ପ୍ରଧାନ, ଚିତ୍ତରଞ୍ଜନ ମହାନ୍ତି, ନଗେନ୍ଦ୍ର ଦଣ୍ଡପାଟ, ପଙ୍କଜ ସାହୁ, ପରମାନନ୍ଦ ବାରିକ, ମୀନକେତନ ସେଠୀ ପ୍ରମୁଖ ସତସଙ୍ଗ ପରିଚାଳନା କରିଥିଲେ। ଭଜନ, କୀର୍ତ୍ତନରେ ପରିବେଶ ମୁଖରିତ ହୋଇଉଠିଥିଲା। ସନ୍ଧ୍ୟାରେ ସନ୍ଧ୍ୟବିନତୀ ପ୍ରାର୍ଥନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରୂପ୍‌ସା,୧୬।୯(ଡି.ଏନ.ଏ.):** ରୂପ୍‌ସା ଥାନା ଅନ୍ତର୍ଗତ ଅବିଭକ୍ତ ରାଉତପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଯତୀନ୍ଦ୍ର ନାଥ ମହାପାତ୍ରଙ୍କର ସୋମବାର ବାଖରାବାଦସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର, ମନୋରଞ୍ଜନ ମହାପାତ୍ର ଓ ମଦନମୋହନ ଯେନା, ସମିତି ସଭାପତି ହରେନ୍ଦ୍ର କୁମାର ଦାସ, ସରପଞ୍ଚ କାଳିଚରଣ ଯେନା, ସମିତିସଭ୍ୟା ସୁଜାତା ମଣ୍ଡଳଙ୍କ ସମେତ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଜନପ୍ରତିନିଧି, ବ୍ୟବସାୟୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ସମ୍ମାନାର୍ଥେ ରୂପ୍‌ସା ବଜାର, ବାରାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ ଆଦି ବନ୍ଦ ରଖାଯାଇ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ସୋର ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥା ଯାଞ୍ଚ

**ସୋର, ୧୬।୯(ଡି.ଏନ.ଏ.):** ଏସ୍‌ଆଇଏମ୍‌ଟିର ଏକ ୫ଜଣିଆ ଟିମ୍ ସୋମବାର ଅପରାହ୍ନରେ ବାଲେଶ୍ୱର ଜିଲା ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଚିକିତ୍ସା ବ୍ୟବସ୍ଥା ଓ ସ୍ୱଚ୍ଛତା ସହ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଡ. ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ର ସଦସ୍ୟମାନେ ଜେନେରାଲ ଓ ପ୍ରସୂତିଙ୍କ ଅପରେଶନ ଥିଏଟର ପରିଦର୍ଶନ କରି ଅଧିକ ସ୍ୱଚ୍ଛତାର ଆବଶ୍ୟକତା ଥିବା ନେଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସେମାନେ ରୋଗୀ କକ୍ଷ ସହ ଔଷଧ ବିତରଣ କେନ୍ଦ୍ରର ଷ୍ଟକ୍ ଓ ବିତରଣ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ମୃତିସଭା

**ଖଇରା, ୧୬।୯(ଡି.ଏନ.ଏ.):** ଖଇରା ବଜାରର ବିଶିଷ୍ଟ ବ୍ୟବସାୟୀ ତଥା ଖଇରା ବଣିକ ସଂଘର ପୂର୍ବତନ ସମ୍ପାଦକ ନିରଞ୍ଜନ ମହାପାତ୍ରଙ୍କ ବିୟୋଗରେ ଏକ ସ୍ମୃତିସଭା ଶନିବାର ଖଇରା ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଲୋଚନ ଧର ଏଥିରେ ପୌରୋହିତ୍ୟ କରିଥିଲେ। ବଣିକ ସଂଘର ପ୍ରାକ୍ତନ ସଭାପତି ଭରତ ଚନ୍ଦ୍ର ପଣ୍ଡା, ଜଗତାନନ୍ଦ ମହାପାତ୍ର, ଜଗତାନନ୍ଦ ମହାନ୍ତି, ମାନସ ଜେନା, ଶୀତିକଣ୍ଠ ପଣ୍ଡା, କରୁଣାକର ମହାନ୍ତି, ରାଧାକାନ୍ତ ପାତ୍ର, ସନ୍ତୋଷ କୁମାର ସାହୁ, ବଳରାମ ପଣ୍ଡା, ଶତ୍ରୁଘ୍ନ ରାଉତ ପ୍ରମୁଖ ମହାପାତ୍ରଙ୍କର ଗୁଣ ଉପରେ ଆଲୋକପାତ କରିଥିଲେ।

# କାମଚଳାରେ ଚାଲିଛି ପାଠପଢ଼ା



ଉଚ୍ଚ ବିଦ୍ୟାନିକେତନର ଶ୍ରେଣୀ ଗୃହ।

**ବାଞ୍ଛାନିଧି ଦେ**
**ରୂପ୍‌ସା, ୧୬।୯**

**ରାଧାକୃଷ୍ଣ ଉପ୍ରା ଓ ଉଦୟନାଥ ହାଇସ୍କୁଲ**
- ୨୨୦ ପିଲାଙ୍କୁ ୩ ଶିକ୍ଷକ
- ହାଇସ୍କୁଲରେ ୩ ଶିକ୍ଷକ ପଦବୀ ଫାଙ୍କା

ବାଲେଶ୍ୱର ଜିଲା ବସ୍ତା ବ୍ଲକ ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ବାରାପାଳ ଗ୍ରାମରେ ଗୋଟିଏ ହତାରେ ରହିଛି ରାଧାକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ

### ଏମିତି ଆମ ଶିକ୍ଷା ବ୍ୟବସ୍ଥା

ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ (ହାଇସ୍କୁଲ)। ୧୯୬୪ ମସିହାରେ ଉଚ୍ଚ ପ୍ରାଥମିକ ଓ ୧୯୮୧ରେ ଉଚ୍ଚବିଦ୍ୟାନିକେତନ ସ୍ଥାପନ କରାଯାଇଥିଲା। ହେଲେ ଏହି ଦୁଇ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗିରହିଛି। କାମଚଳାରେ ଚାଲିଛି ପାଠପଢ଼ା। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଟାଣି ହୋଇଯାଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

୧୯୯୪ ମସିହା ଜୁନ୍ ୧ ତାରିଖରେ ଉଚ୍ଚ ବିଦ୍ୟାନିକେତନ ସରକାରୀ ମାନ୍ୟତା ପାଇଥିଲା। ୨୦୧୭-୧୮ ଶିକ୍ଷାବର୍ଷରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ୮ମ ଶ୍ରେଣୀ ସଂଯୁକ୍ତ ହେଲା। ଚଳିତ ୨୦୧୯-୨୦ ଶିକ୍ଷାବର୍ଷରେ ୬ଷ୍ଠ ଶ୍ରେଣୀରେ ୮୭ଜଣ, ୭ମରେ ୬୩ ଓ ୮ମରେ ୭୦ ଜଣ ଛାତ୍ରୀଛାତ୍ର ମିଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୨୨୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସରକାରଙ୍କ ନିୟମାନୁଯାୟୀ ୩୫ ପିଲାଙ୍କୁ ଜଣେ ଶିକ୍ଷକ ଅନୁପାତରେ ୬ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା କଥା। ମାତ୍ର ୩ଜଣ ଶିକ୍ଷକଙ୍କ ଦ୍ୱାରା ଚାଲିଛି ପାଠପଢ଼ା। ଜଣେ ପିଅନ ଅବସର ନେବା ପର ଠାରୁ ଏହି ପଦବୀ ଫାଙ୍କା ପଡ଼ିଛି। କ୍ରୀଡ଼ା ଶିକ୍ଷକ ଓ ସଂସ୍କୃତ ଶିକ୍ଷକ ନାହାନ୍ତି।

ସେହିପରି ହାଇସ୍କୁଲରେ ୯ମ ଶ୍ରେଣୀରେ ୯୦ଜଣ ଓ ୧୦ମ ଶ୍ରେଣୀରେ ୭୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆର୍ଟସ ଟିଜି ବିଭାଗର ୨ଜଣ ଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ଅବସର ଗ୍ରହଣ ପରଠୁ ଦୀର୍ଘଦିନ ଧରି ଏହି ୩ଟି ଶିକ୍ଷକ ପଦବୀ ଫାଙ୍କା ପଡ଼ିଛି। ଏଥିସହ କିରାଣିଙ୍କ ଅବସର ପରେ ମଧ୍ୟ ବିନା କିରାଣିରେ କାଗଜପତ୍ର କାମ କରାଯାଉଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ୨୦୨୦ ଜୁନ୍‌ରେ ଅବସର ନେବା ପରେ ପିଲାମାନେ ପାଠପଢ଼ାରେ ଡୋରି ବାନ୍ଧିବେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସାହିତ୍ୟ, ଇତିହାସ, ଭୂଗୋଳ ଆଦି ବିଷୟକୁ ସଂସ୍କୃତ, ହିନ୍ଦୀ ଓ ବିଜ୍ଞାନ ଶିକ୍ଷକ ମିଶି ପାଳି କରି ଶିକ୍ଷାଦାନ କରୁଛନ୍ତି। ସରକାରୀ ଭାବେ କୌଣସି ବିଜ୍ଞାନ ଉପକରଣ ମିଳିନାହିଁ। ଗଡ଼ପଦା, ରାଉତପଡ଼ା, ଦୁଧହଂସା ପଞ୍ଚାୟତ ସମେତ ପଡ଼ୋଶୀ ମୟୂରଭଞ୍ଜ ଜିଲାରୁ ଛାତ୍ରୀଛାତ୍ର ଆସି ଏଠାରେ ଅଧ୍ୟୟନ କରିଥାନ୍ତି। ଗୁରୁତ୍ୱ ଦୃଷ୍ଟିରୁ ସ୍କୁଲ ହତାରେ ମଧ୍ୟ ଏକ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଶିକ୍ଷା ବିଭାଗର ଅବହେଳା ଯୋଗୁ ଏଠାରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବା ଅଭିଭାବକମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

### ଏମାନେ ଯାହା କହନ୍ତି

ସଂସ୍କୃତ ଶିକ୍ଷକ ନ ଥିବାରୁ ଆମେ ଏ ବିଷୟରେ ଭଲ ନମ୍ବର ରଖିବା ଆଶା ନାହିଁ। ଖେଳ ଶିକ୍ଷକଙ୍କ ବିନା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇପାରୁନାହୁଁ। ଶ୍ରେଣୀଗୃହ ନ ଥିବାରୁ ପୁରୁଣା ଭଙ୍ଗା ଦଦରା ଘରେ ବିପଦପୂର୍ଣ୍ଣ ଭାବେ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପଢ଼ା ଯାଉଛି।

**- ଦିବ୍ୟଲକ୍ଷ୍ମୀ ଭୋଇ, ୮ମ ଶ୍ରେଣୀ ଛାତ୍ରୀ**

ଶିକ୍ଷାନୁଷ୍ଠାନର ରକ୍ଷଣାବେକ୍ଷଣ ଦାୟିତ୍ୱ ସରକାରଙ୍କର। ଏଭଳି ସର୍ବପୁରାତନ ବିଦ୍ୟାଳୟଦ୍ୱୟର ସାମଗ୍ରିକ ବିକାଶ ଦିଗରେ ଗୁରୁତ୍ୱ ଦିଆଯାଉ।

**- ଅକ୍ଷୟ କୁମାର ମହାପାତ୍ର, ପରିଚାଳନା କମିଟି ଚେୟାରମ୍ୟାନ**

ମୁଖ୍ୟରାସ୍ତା ପାର୍ଶ୍ୱରେ ବିଦ୍ୟାଳୟ ଅବସ୍ଥିତ ହୋଇଥିଲେ ହେଁ ପାଚେରି ନିର୍ମାଣ ପାଇଁ କାହାରି ତତ୍ପରତା ନାହିଁ। ଆବଶ୍ୟକ ଶିକ୍ଷକ ନ ଥିବାରୁ କାର୍ଯ୍ୟରତ ଶିକ୍ଷକଙ୍କ ଦ୍ୱାରା ସମସ୍ତ ବିଷୟ ପଢ଼ାଇବା ଦିଗରେ ଧ୍ୟାନ ଦିଆଯାଉଛି।

**- ପଞ୍ଚାନନ ଗିରି, ଭାରପ୍ରାପ୍ତ ପ୍ରଧାନଶିକ୍ଷକ**

## ସମୁଦ୍ରରେ ଭାସିଯାଇ ବାଳକ ମୃତ

**ଭୋଗରାଇ,୧୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ଦୀଘା ନିକଟସ୍ଥ ସମୁଦ୍ରରେ ଭାସିଯାଇ ଜଣେ ୭ ବର୍ଷର ବାଳକଙ୍କ ମୃତ୍ୟୁ ହୋଇଛି। ଉକ୍ତ ବାଳକ ରବିବାର ତାଙ୍କ ମା' ବାପାଙ୍କ ସହ ଗାଧୋଉଥିବା ବେଳେ ସମୁଦ୍ର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଦୀଘା ମେରାଇନ ଥାନା ପୋଲିସ ନିଖୋଜ ଥିବା ବାଳକଙ୍କୁ ଲଞ୍ଚ ଯୋଗେ ତଲାସୀ କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ସୋମବାର ସକାଳେ ଦୀଘା ଉପକୂଳରେ ସ୍ଥାନୀୟ ଲୋକମାନେ ମୃତଦେହ ଭାସୁଥିବା ଦେଖି ଦୀଘା ମେରାଇନ୍ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବକୁ ଚିହ୍ନଟ କରିବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କାଁଥି ଦାରୁହା ହସ୍‌ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ମା'ବାପାଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ବାଳକଙ୍କ ଘର ପଶ୍ଚିମବଙ୍ଗ ହୁଗୁଳି ଜିଲା ଜଲଙ୍ଗି ଅଞ୍ଚଳରେ।

## ଦୁର୍ଘଟଣାରେ ଯୁବକ ଗୁରୁତର

**ରୂପ୍‌ସା,୧୬।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ବାଖରାବାଦ ଗ୍ରାମର ଯୁବକ ରମେଶ ବେହେରା ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ରୂପ୍‌ସା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରୂପ୍‌ସା ବାଖରାବାଦ ରାସ୍ତାର ପାଟପୁରଠାରେ ରବିବାର ରାତିରେ ରିକ୍ସା ନେଇ ହୀରାପୁର ଗ୍ରାମର ଉମାକାନ୍ତ ପ୍ରଧାନ ଯାଉଥିଲେ। ଘରକୁ ବାଇକ୍ ଯୋଗେ ଆସୁଥିବା ରମେଶ ଦ୍ରୁତଗତିରେ ରିକ୍ସା ପଛପଟୁ ଧକ୍କା ଦେଇଥିଲା। ଫଳରେ ରିକ୍ସା ଚାଳକ ଆହତ ହୋଇଥିବା ବେଳେ ରମେଶ କାନ ଛିଣ୍ଡି ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କ ମୁଣ୍ଡରେ ମଧ୍ୟ ଜୋର ଆଘାତ ହୋଇଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ସେମାନଙ୍କୁ ପ୍ରଥମେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଏବେ ରମେଶ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।




ବେଙ୍ଗାଲୁରୁ ଯାଉଥିବା ପ୍ରଶିକ୍ଷାର୍ଥୀ।

## ବେଙ୍ଗାଲୁରୁ ଗଲେ ୨୮ ପ୍ରଶିକ୍ଷାର୍ଥୀ

**ବାହାନଗା,୧୬।୯(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ଥିବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରରେ ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ ଓ ଗ୍ରାମତରଙ୍ଗ ମିଳିତ ଆନୁକୂଲ୍ୟରେ ଗ୍ରାମୀଣ କୌଶଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କେନ୍ଦ୍ରରେ ଗତ ଜୁନ୍ ୨୮ ତାରିଖଠାରୁ ଜିଲା ପ୍ରଶାସନ ଓ ଓର୍‌ମାସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳାମାନଙ୍କୁ ୩ ମାସ ଧରି ନିଶୁଳ୍କ ସିଲେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୮ଜଣ ମହିଳାଙ୍କ ପ୍ରଶିକ୍ଷଣ ସରିବା ପରେ ସେମାନଙ୍କୁ ଜିଲା ପ୍ରଶାସନ ଓ ଓର୍‌ମାସର ସହାୟତାରେ ବେଙ୍ଗାଲୁରୁ ପଠାଯାଇଛି। ସେହି ମହିଳାମାନେ ସୋମବାର ବାହାନଗା ରେଳଷ୍ଟେଶନରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ପହଞ୍ଚି ସେଠାରୁ ଗୀତାଞ୍ଜଳି ଏକ୍ସପ୍ରେସ ଯୋଗେ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ମହିଳାମାନେ ସେଠାରେ ଏକ ଏକ୍ସପୋର୍ଟ କମ୍ପାନୀରେ କାର୍ଯ୍ୟ କରିବେ। ଏଥିପାଇଁ ସେମାନଙ୍କୁ ପ୍ରାଥମିକ ସ୍ତରରେ ୮ହଜାର ୫ଶହ ଟଙ୍କା ଦରମା ପ୍ରଦାନ କରାଯିବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ମହିଳାଙ୍କୁ ବାହାରକୁ ଯିବା ସମ୍ପର୍କରେ ଜିଲା ପ୍ରଶାସନ, ଏସ୍‌ପି, ଥାନା ଅଧିକାରୀଙ୍କ ସମେତ ଓର୍‌ମାସକୁ ତଥ୍ୟ ପ୍ରଦାନ କରାଯାଇଛି।

## ଅମ୍ବିକା ସାହିତ୍ୟ ସଂସଦର ସମାରୋହ

**ଖଇରା,୧୬।୯(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦର ବର୍ଷାକାଳୀନ ସାହିତ୍ୟ ଆସର ରବିବାର କୁପାରୀସ୍ଥିତ ଅମ୍ବିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଡା. ଉମେଶ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନି ଉଦାସୀନ ମୁଖ୍ୟଅତିଥି, ହରେକୃଷ୍ଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଷୟ 'ଇତିହାସର ଆଇନାରେ ବର୍ଷା' ଉପରେ ବକ୍ତାମାନେ ସୁଚିନ୍ତିତ ମତ ଦେଇଥିଲେ। ଗୋପବନ୍ଧୁଙ୍କ ଏନ୍ତୁଡିଶାଳ ସୁଆଣ୍ଡୋରେ ଥିବା ଗୃହ ଫନିବାତ୍ୟାରେ ଭାଙ୍ଗି ଯାଇଥିବାରୁ ଏହାର ପୁନରୁଦ୍ଧାର ପାଇଁ ସଂସଦ ତରଫରୁ ୧୦ହଜାର ଟଙ୍କାର ସହାୟତା ପଠାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ନିରଞ୍ଜନ ଦାସଙ୍କ ସଂଯୋଜନା ଓ ସନ୍ଧ୍ୟାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅର୍ଜୁନ ଚରଣ ମହାରଣା, ମହେଶ୍ୱର ମହାପାତ୍ର, ପ୍ରସନ୍ନ ମଉଗଜ ପ୍ରମୁଖ ସହଯୋଗ କରିଥିଲେ।

## ବାଲିଆପାଳ ପତଞ୍ଜଳି ଯୋଗ ସମିତି ପୁନର୍ଗଠିତ

**ବାଲିଆପାଳ, ୧୬।୯(ଡି.ଏନ.ଏ.)**

ବାଲିଆପାଳ ପତଞ୍ଜଳି ଯୋଗ ସମିତିର ଏକ ବୈଠକ ରବିବାର ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଯୋଗ ସମିତିର ମୁଖ୍ୟ କରୁଣାକର ସିଅଳ, ମହିଳା ସମିତି ପ୍ରଭାରୀ ଯଶୋମତୀ ସିଅଳ ଓ ଯୋଗ ପ୍ରଭାରୀ କୁନା ଭାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ କମିଟିକୁ ପୁନର୍ଗଠିତ କରାଯାଇଥିଲା। ଏଥିରେ ପ୍ରକାଶ କୁମାର ସାହୁ ସଙ୍ଗଠନ ସମ୍ପାଦକ, ଡାକ୍ତର ମୋହନ କୁମାର ବେହେରା ସାଧାରଣ ସମ୍ପାଦକ, ଅଜିତ କୁମାର ପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଅକ୍ଷୟ କୁମାର ପଢିଆରୀ ତହସିଲ ପ୍ରଭାରୀ, ବାସନ୍ତୀ ନାୟକ ମହିଳା ପ୍ରଭାରୀ, ବିଜୟ ସାହୁ ଯୁବ ପ୍ରଭାରୀ, ଅଚ୍ୟୁତ ରାଉତ ଯୁବ ସହ ପ୍ରଭାରୀ, ଗୀତାରାଣୀ ଦାସ ଯୁବତୀ ପ୍ରଭାରୀ, ଅରବିନ୍ଦ ବେହେରା କିଷାନ ସେବା ସମିତିର ତହସିଲ ପ୍ରଭାରୀ, ବୀରମାଧବ ଦାସ ଲିଗାଲ ସେଲପ୍ରଭାରୀ, ବିନୋଦ ଜେନା ସନ୍ଦେଶ ପ୍ରଭାରୀ, ସବିତା ଦେ ମହିଳା ମହାମନ୍ତ୍ରୀ, ଡା.କ୍ଷୀତିଶ ପାଠୀ ବିସ୍ତାରକ ଓ ବଳରାମ ପରିଡା, ପରିକ୍ଷିତ ଦତ୍ତଙ୍କୁ ପ୍ରମୁଖ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ପୃଷ୍ଠପୋଷକ ଭାବେ କୃଷ୍ଣାକୁମାର ମହାନ୍ତି ମନୋନୀତ ହୋଇ ପତଞ୍ଜଳି ଯୋଗପୀଠକୁ ୨୧ହଜାର ଟଙ୍କା ଦାନ କରିଥିଲେ।

## ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା

**ଜଳେଶ୍ୱର,୧୬।୯**

ଜଳେଶ୍ୱର ବ୍ଲକ ପଶ୍ଚିମବାଡ଼ ପଞ୍ଚାୟତର ଝାଡ଼ପିପ୍ପଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଚୟନରେ ଟାଳଟୁଳ ନୀତି ଯୋଗୁ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ସୋମବାର ବିଦ୍ୟାଳୟର ଫାଟକ ସମ୍ମୁଖରେ ଧାରଣା ବସିଥିଲେ। ଅଗଷ୍ଟ ୨୨ତାରିଖରେ ବିଦ୍ୟାଳୟର କମିଟି ଗଠନ କରାଯିବା ନେଇ ଗତ ଅଗଷ୍ଟ ୧୩ ତାରିଖରେ ବିଦ୍ୟାଳୟରେ ନୋଟିସ୍ ଦିଆଯାଇଥିଲା। କିନ୍ତୁ ଉକ୍ତ ସମୟ ମଧ୍ୟରେ କୌଣସି କମିଟି ଗଠନ କରା ନ ଯିବାରୁ ଗ୍ରାମବାସୀଙ୍କ ତରଫରୁ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ତଥା ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଭାବେ ଦିଆଯାଇଥିଲା। ଏହାପରେ ମଧ୍ୟ କମିଟି ଗଠନ ନ କରି ବରଂ କମିଟି ଗଠନରେ ଅସୁବିଧା ଅଛି ତଦନ୍ତ ପରେ କମିଟି ଗଠନ ହେବ ବୋଲି ଜଣେ ଅଭିଭାବକଙ୍କୁ ଶିକ୍ଷାଧିକାରୀ କହିଥିଲେ। ଫଳରେ ଗ୍ରାମବାସୀ ଏହି ଧାରଣାରେ ବସିଥିଲେ। ଶେଷରେ ପ୍ରଧାନଶିକ୍ଷକ ଆସି ଧାରଣା ଦେଇଥିବା ଲୋକଙ୍କୁ ଆସନ୍ତା ୧୯ ତାରିଖରେ କମିଟି ଗଠନ ଓ ସଭାପତି ଚୟନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସାବିତ୍ରୀ ଅଣ୍ଡିଆ, ମମତା ପ୍ରଧାନ, ସବିତା ବେହେରା, ମିନତୀ ମୁଖୀ, ରାଧାମଣୀ ବେହେରା, ମିନତୀ ଜେନା, ଗୌରାଙ୍ଗ ଚରଣ ନନ୍ଦୀ, ବରେନ୍ଦ୍ର ମାଝୀ, ଅନନ୍ତ ଦାସ, ରବିନ୍ଦ୍ର ଅଣ୍ଡିଆ, ଉମାଶଙ୍କର ଜେନା ଓ କାଳି ଚରଣ ଦଳେଇ ପ୍ରମୁଖ ବହୁ ଗ୍ରାମବାସୀ ଓ ଅଭିଭାବକ ଯୋଗ ଦେଇଥିଲେ।

## ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍

**ସୋର, ୧୬।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ମୂଳେଶ୍ୱର ଗ୍ରାମ ଦେବତୀ ମା' ବାରପଡା ନାୟିକାଣୀ ମନ୍ଦିରରୁ ରବିବାର ରାତିରେ କେହି ଦୁର୍ବୃତ୍ତ ହୁଣ୍ଡି ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ସୋମବାର ସକାଳେ ପୂଜକ ପରେଶ ଚନ୍ଦ୍ର ପଣ୍ଡା ମନ୍ଦିରକୁ ପୂଜା କରିବାକୁ ଆସି ମୁଖ୍ୟ ଫାଟକ ତାଲା ଭଙ୍ଗାଯାଇ ହୁଣ୍ଡିରୁ ଟଙ୍କା ଚୋରି ହୋଇଥିବା ଦେଖି ମନ୍ଦିର ପରିଚାଳନା କମିଟିର ସଦସ୍ୟ ଗୋପୀନାଥ ମହାପାତ୍ର ଓ ନଳିନୀକାନ୍ତ ମହାପାତ୍ରଙ୍କୁ ଜଣାଇଥିଲେ। ଏ ନେଇ ଗୋପୀନାଥ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ଆଣି ଘଟଣାର ତଦନ୍ତ କରିଛି। ଏହି ହୁଣ୍ଡି ଦୀର୍ଘ ଦିନ ଧରି ଖୋଲାଯାଇ ନ ଥିବାରୁ ସେଥିରେ ମୋଟା ଅଙ୍କର ଦାନ ଅର୍ଥ ଥିଲା ବୋଲି କମିଟି ପକ୍ଷରୁ କୁହାଯାଇଛି।

## ବିଜେଡିର ମିଶ୍ରଣ ପର୍ବ

**ବାହାନଗା,୧୬।୯(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଦଳର ବହୁ ନେତା ଓ କର୍ମୀ ଦଳରେ ସାମିଲ ହୋଇଛନ୍ତି। ରବିବାର ଅପରାହ୍ନରେ ଜାଗେଶ୍ୱରପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତିସଭ୍ୟ ଅଶ୍ୱିନୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ପ୍ରକାଶ କରିବା ସହିତ ସରକାରଙ୍କ ୫ଟି କାର୍ଯ୍ୟଧାରା ସମ୍ପର୍କରେ କର୍ମୀ ଓ ନେତାମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ପରେ ଜାଗେଶ୍ୱରପଦା ଗ୍ରାମର କଂଗ୍ରେସ ଓ ଅନ୍ୟଦଳରୁ ଆସିଥିବା ଶତାଧିକ କର୍ମୀ ଓ ନେତାମାନେ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ।



ବିଧାୟକ ପର୍ଶୁରାମ ଧଡ଼ା ସାମିଲ ହୋଇଥିବା ନୂତନ କର୍ମୀ ଓ ନେତାଙ୍କୁ ସ୍ୱାଗତ କରୁଛନ୍ତି।



ଭୋଗରାଇ ଆର୍.ଆଇ.ଏଚ୍.ଏସ୍ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ର।

## 'ସଂସ୍କୃତ ଭାରତୀୟ ସଂସ୍କୃତିର ଆତ୍ମା'

**ଭୋଗରାଇ,୧୬।୯(ଡି.ଏନ.ଏ.)**

ସଂସ୍କୃତ ଭାଷାରେ ଭାରତୀୟ ସଂସ୍କୃତିର ଆତ୍ମା ଲୁଚି ରହିଛି। ପ୍ରାଚୀନ କାଳରୁ ଏହି ଭାଷା ବିକଶିତ ହୋଇ ଦେଶବିଦେଶକୁ ପରିବ୍ୟାପ୍ତ ହୋଇଥିଲା। ସଂସ୍କୃତ ଭାଷାରେ ରଚିତ ସାରସ୍ୱତ କୃତି ବସୁଧୈବ କୁଟୁମ୍ବକମ୍ ନୀତିର ପ୍ରଚାର କରି ବିଶ୍ୱ ଚେତନାର ମୂଲ୍ୟବୋଧକୁ ଗଢ଼ି ତୋଳିଛି। ଅବକ୍ଷୟ ସମାଜକୁ କରିଛି ମଧୁମୟ। ସ୍ଥାନୀୟ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ ପରିସରରେ ଦେବଭାଷା ବିକାଶ ପରିଷଦ ଭୋଗରାଇ ଶାଖା ପକ୍ଷରୁ ସୋମବାର ଆୟୋଜିତ ସଂସ୍କୃତ ଦିବସ ଓ ପ୍ରତିଷ୍ଠା ଦିବସରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି।

ଅଧ୍ୟକ୍ଷ ଡ. ଗଦାଧର ଦାସ ମହାପାତ୍ର ଏହି ସମାରୋହକୁ ଉଦ୍‌ଘାଟନ କରି ପ୍ରଚଳିତ ସମାଜ ବ୍ୟବସ୍ଥାରେ ସଂସ୍କୃତ ଭାଷାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। କଲେଜର ଭାରତଜ୍ୟୋତି ପୁରସ୍କାରପ୍ରାପ୍ତ ଡା. ଶ୍ରୀଶ କୁମାର ଦାଶ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ସତୀଶ ଚନ୍ଦ୍ର ପଣ୍ଡା, ନିରଞ୍ଜନ ବେହେରା ଦିବସ ପାଳନର ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର କମଳେଶ ମିଶ୍ର ମୁଖ୍ୟଅତିଥି, କୋରେଇ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ହାଇସ୍କୁଲସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ୧୮ଜଣ ଟପ୍ପର୍ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶତାଧିକ ସଂସ୍କୃତପ୍ରେମୀ ରସିଦ୍‌ପୁର ଜଗନ୍ନାଥ ମନ୍ଦିର 'କୃପାକ୍ଷେତ୍ର'ରୁ ଶୋଭାଯାତ୍ରାରେ ବାହାରି ସଂସ୍କୃତ ଦିବସ କାର୍ଯ୍ୟକ୍ରମ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପକ ବ୍ରଜବିହାରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୬।୯(ଡି.ଏନ୍.ଏ.): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଇହରି ଗ୍ରାମରେ ସୋମବାର ବାଇକ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ଜଣକ ସେହି ଗ୍ରାମର ପାନ ମାଝୀ(୬୦) ବୋଲି ଜଣାପଡିଛି। ଅପରାହ୍ନରେ ବୃଦ୍ଧା ଜଣକ ଚାଲିଚାଲି ଯାଉଥିବା ବେଳେ ଜଣେ ବାଇକ ଆରୋହୀ ତାଙ୍କୁ ଧକ୍କାଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୭୧/୧୯)ରୁଜୁ ହୋଇଛି।

### ଅର୍ଥନୀତି ସମ୍ମାନ ବିଭାଗର ସ୍ୱାଗତ ଉତ୍ସବ

କପ୍ତିପଦା,୧୬।୯(ଡି.ଏନ.ଏ)- କପ୍ତିପଦା ବ୍ଲକ୍ ମେଘାସନ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ 'ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବ୍ୟାଙ୍କ ସୁବିଧା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡ. ଫକୀର ଚରଣ ବେହେରା ଅଧକ୍ଷତା କରିଥିଲେ। ଉଦଳା ଆକ୍ସିସ ବ୍ୟାଙ୍କର ମୁଖ୍ୟ ପରିଚାଳକ ଏସ. ପାଣିଗ୍ରାହୀ ଓ ଉପ ପ୍ରବନ୍ଧକ ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଅଧାପକ ଫନିଭୂଷଣ ପୁଥାଳ, ସନ୍ତୋଷ କୁମାର ଜେନା ପ୍ରମୁଖ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ । ବିଭାଗୀୟ ମୁଖ୍ୟ ଡ. ନିରଞ୍ଜନ ପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି କପ୍ତିପଦା ମହାବିଦ୍ୟାଳୟ +୩ ଅର୍ଥନୀତି ବିଭାଗର ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦିଲ୍ଲୀପ କୁମାର ସିଂହ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ନିବେଦିତା ପଣ୍ଡା ବୈଠକରେ ଅଧକ୍ଷତା କରିଥିଲେ। ଅଧାପିକା ସାବିତ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଥାନା ଜଗୁଥିବା ସିସି ଟିଭି କ୍ୟାମେରା ଅଚଳ

ବାରିପଦା ଅଫିସ,୧୬।୯


ବାରିପଦା ଟାଉନ ଥାନାରେ ଲାଗିଥିବା ଅଚଳ ସିସି ଟିଭି କ୍ୟାମେରା।

- ସହରରେ ଅପରାଧ ନିୟନ୍ତ୍ରଣ କରୁଛନ୍ତି ପଡ଼ୋଶୀ ରାଜ୍ୟ ଅପରାଧୀ
- ବାରିପଦା ଟାଉନ ଥାନା ସିସିଟିଭି କ୍ୟାମେରା ୩ ବର୍ଷ ହେଲା ଅଚଳ

ମୟୂରଭଞ୍ଜ ଜିଲାରେ କିଛିଦିନ ହେବ ଅପରାଧ ମାମଲା ବୃଦ୍ଧି ପାଇଛି। ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚୋରି ଓ ଡକାୟତି ଭଳି ଅପରାଧ କମିବାର ନାଁ ଧରୁନି। କେବଳ ବାରିପଦା ଟାଉନ ଥାନାରେ ଚଳିତ ବର୍ଷର ୯ ମାସ ମଧ୍ୟରେ ୭୦ରୁ ଅଧିକ ଚୋରି ଓ ଡକାୟତି ଘଟଣା ଘଟିଛି। ଅପରପକ୍ଷରେ ରାଜ୍ୟ ସରକାର ଏବେ ପୋଲିସ ସେବା ବ୍ୟବସ୍ଥାରେ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଥାନାଗୁଡିକର ଭିତ୍ତିଭୂମି ସୁଧାରିବା ସହିତ ଅଧିକାରୀମାନଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣିବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଛି। ଅନ୍ୟପକ୍ଷେ ଜିଲାରେ ପୋଲିସ ସେବାକୁ ଲୋକାଭିମୁଖୀ କରାଯାଇଥିବା ଜିଲା ପୋଲିସ ମୁଖ୍ୟ ବିଭିନ୍ନ ସଭା ସମିତିରେ ଡିଣ୍ଡିମ ପିଟି ବୁଲୁଛନ୍ତି। ନିକଟରେ ବାରିପଦା ଟାଉନ ଥାନା ସମେତ ଜିଲାର ଅନ୍ୟ ଥାନାଗୁଡିକରେ ସିସି ଟିଭି କ୍ୟାମେରା ଲଗାଇବା ପାଇଁ ଜିଲା ପୋଲିସ ଯୋଜନା କରିଛି। ବାରିପଦା ସହରର ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯିବା ପାଇଁ ଜିଲା ପୋଲିସ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଛି। ବାରିପଦା କୃଷ୍ଣଚନ୍ଦ୍ର ଗୋଲେଇ, ମୁଖ୍ୟ ମାର୍କେଟ, ଟ୍ରାଫିକ ଛକ, ଷ୍ଟାଡିୟମ ଗୋଲେଇ, ମଧୁବନ ଛକ, ମୁର୍ଗାବାଡି ଛକ, ଦାରୋଗାଡାହି ଛକ, ତକତପୁର ଛକ, ପାଲବଣି ଛକ, ପାଲବଣି ବାଇପାସ ଛକ, ପୋଡା ଅସ୍ତିଆ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତା ଆଦି ସହରର ମୁଖ୍ୟ ରାସ୍ତାଗୁଡିକରେ ସିସି ଟିଭି କ୍ୟାମେରା ଲାଗିବ। ଏହି ସିସି ଟିଭି କ୍ୟାମେରାର ଫୁଟେଜ ମନିଟରିଂ କରିବା ପାଇଁ ଏକ ସ୍ୱତନ୍ତ୍ର ସେଲ୍ ଖୋଲାଯିବ। ତେବେ ସିସି ଟିଭି କ୍ୟାମେରା ଦ୍ୱାରା ପୋଲିସ କିପରି ଅପରାଧ ନିୟନ୍ତ୍ରଣ କରିବ ତାହା ପ୍ରଶ୍ନବାଚୀ। କାରଣ ବିଶେଷଜ୍ଞଙ୍କ କହିବା ମୁତାବକ ସିସି ଟିଭି କ୍ୟାମେରା ଦ୍ୱାରା ଅପରାଧ ହ୍ରାସ ପାଇବାର କିଛି ପ୍ରମାଣ ନାହିଁ। କେବଳ ଅପରାଧୀଙ୍କୁ ଚିହ୍ନଟ କରିବାରେ ଏହା ସହାୟକ ହୋଇଥାଏ। ଅନ୍ୟପକ୍ଷରେ ବାରିପଦା ସହରର ବସ୍ତି ଅଞ୍ଚଳଗୁଡିକରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ଦୁର୍ଦ୍ଦାନ୍ତ ଅପରାଧୀମାନେ ରହି ଆପରାଧିକ କାର୍ଯ୍ୟକଳାପ ଚଳାଇଛନ୍ତି। କେବଳ ମୁଖ୍ୟ ଛକଗୁଡିକରେ ସିସି ଟିଭି କ୍ୟାମେରା ଲଗାଇଲେ ଅପରାଧ ନିୟନ୍ତ୍ରଣ କିଭଳି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏପରିସ୍ଥଳେ ବାରିପଦା ଟାଉନ ଥାନାରେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ ଏହା ପ୍ରାୟ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଅଚଳ ହୋଇ ପଡିଛି। ଏହା ପୋଲିସ ବ୍ୟବସ୍ଥାର କାର୍ଯ୍ୟଶୈଳୀ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛି। ଏହି ୩ ବର୍ଷ ମଧ୍ୟରେ ୩ରୁ ଊର୍ଦ୍ଧ୍ୱ ଥାନା ଅଧିକାରୀ ଏହି ଥାନାରେ କାର୍ଯ୍ୟ କରିଥିବା ବେଳେ ୪ ଜଣ ଏସପି ଜିଲାରେ କାର୍ଯ୍ୟ କରିସାରିଲେଣି। ମାତ୍ର ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ରାଜ୍ୟ ସରକାର ଥାନାଗୁଡିକର ଭିତ୍ତିଭୂମି ସୁଧାରିବା ପାଇଁ ପଦକ୍ଷେପ ନେବା ପରେ ଜିଲା ପୋଲିସ ତତ୍ପର ହୋଇଉଠିଛି। ଏକ ସ୍ୱତନ୍ତ୍ର ଟିମ୍‌କୁ ନେଇ ସହରର ବିଭିନ୍ନ ପ୍ରମୁଖ ଛକ ଓ ଥାନାରେ ସିସି ଟିଭି କ୍ୟାମେରା ଲଗାଇବା ପାଇଁ ସମୀକ୍ଷା କରାଯାଇଥିବା ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି। କେବଳ ବାରିପଦା ସହର ଓ ଟାଉନ ଥାନା ନୁହେଁ ଜିଲାର ସମସ୍ତ ଥାନାରେ ସିସି ଟିଭି କ୍ୟାମେରା ଲଗାଯିବ। ଏଥିପାଇଁ ରାଜ୍ୟ ପୋଲିସ ବିଭାଗକୁ ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ତଥ୍ୟ ପ୍ରଦାନ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପେଟକୁ ଭାତ,
ପିଠିକୁ ନାତ ।**

ପେଟପାଟଣା କଥା ବୁଝି ସାରି ପରେ କଷ୍ଟ ଦେଇ, ଗାଳିଗୁଲଜ କରି ଯେତେ କାମ ଆଦାୟ କଲେ ଦେହକୁ ସେତେ ବାଧି ନ ଥାଏ । ପରନ୍ତୁ ଲୋକର ଭଲମନ୍ଦ ନ ବୁଝି, ବାଧ୍ୟ କରି ଖଟେଇଲେ, ଜୋର କରି କାମ ଆଦାୟ କଲେ ଭାରି ବାଧିଥାଏ । ପେଟକୁ ମୁଠେ ଦାନା ଦେଇ ଗଧ ଖଟଣି ଖଟାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୋଥି ବାଇଗଣ
ନା ବାଡ଼ି ବାଇଗଣ ।**

ପୋଥି ବାଇଗଣ ବା ଚିତ୍ର ବାଇଗଣରେ ପେଟ ପୂରି ନ ଥାଏ । ବହିରୁ ବାଇଗଣ ଚାଷ ଶିଖି କାମରେ ନ ଲଗାଇଲେ ଲାଭ ମିଳି ନ ଥାଏ । ବାଇଗଣ ଚାଷପ୍ରଣାଳୀ କୌଶଳ ବହିରୁ ଶିଖି ବିଲବାଡ଼ିରେ ପ୍ରୟୋଗକରି ସେପରି ଅମଳ ଦେଖେଇଲେ ଜ୍ଞାନ କାମରେ ଲାଗିଲା ବୋଲି ଜଣାପଡ଼େ । ଅନ୍ୟଥା ସେସବୁ ମୂଲ୍ୟହୀନ ହୋଇଯାଇଥାଏ । ଅଭିଜ୍ଞତା ନ ଥିଲେ ଫଳ ମିଳି ନ ଥାଏ । ଚିତ୍ରଠାରୁ ବାସ୍ତବର ମୂଲ୍ୟ ଢେର୍ ଅଧିକ ବା ଶ୍ରେୟସ୍କର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
**ଦୁବାଇ,୧୬।୯(ପିଟି):** ଚଳିତବର୍ଷ ଅନୁଷ୍ଠିତ ପୁରୁଷ ଦିନିକିଆ ବିଶ୍ୱକପ୍‌ରେ ଇଂଲଣ୍ଡ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଆଇସିସି ଟୁର୍ନାମେଣ୍ଟ ମଧ୍ୟରୁ ୨୦୧୯ ବିଶ୍ୱକପ୍‌ର ସିଧାପ୍ରସାରଣ ସମଗ୍ର ବିଶ୍ୱରେ ହାରହାରି ୧.୬ବିଲିୟନ ଲୋକେ ଦେଖିଛନ୍ତି। ଏହା ଯେକୌଣସି ଆଇସିସି ଇଭେଣ୍ଟର ଭ୍ୟୁୟର୍ସ ଅପେକ୍ଷା ଖୁବ ଅଧିକ। ଡିଜିଟାଲ ପ୍ଲାଟଫର୍ମ ହଟ୍‌ଷ୍ଟାରରେ ବିଶ୍ୱକପ୍ ମ୍ୟାଚ୍‌ର ସିଧାପ୍ରସାରଣ ଦେଖିବାରେ ଭାରତ ଶୀର୍ଷରେ ରହିଛି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌କୁ ହଟ୍‌ଷ୍ଟାରରେ ୨୫.୩ ନିୟୁତ ଲୋକେ ଦେଖିଥିଲେ, ଯାହାକି ହଟ୍‌ଷ୍ଟାର ପାଇଁ ଏକ ବିଶ୍ୱ ରେକର୍ଡ। ଭାରତ–ନ୍ୟୁଜିଲାଣ୍ଡ ବିଶ୍ୱକପ୍ ସେମିଫାଇନାଲ ମ୍ୟାଚ୍‌ର ଦେଖଣାହାରୀ ସଂଖ୍ୟା ଖୁବ ଅଧିକ ବୋଲି ଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ୨୦୧୫ ସଂସ୍କରଣ ଅପେକ୍ଷା ଦେଖଣାହାରୀଙ୍କ ସଂଖ୍ୟାରେ ଚଳିତ ଥର ୩୮ ପ୍ରତିଶତ ବୃଦ୍ଧି ହୋଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବିଶ୍ୱକପର ସବୁଠୁ ଅଧିକ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଏହି ମ୍ୟାଚ୍‌ର ଟିଭି ଭ୍ୟୁୟର୍ସଙ୍କ ସଂଖ୍ୟା ୨୭୩ ନିୟୁତ। ତେବେ ଆହୁରି ୫୦ ନିୟୁତ ଦେଖଣାହାରୀ ଡିଜିଟାଲ ପ୍ଲାଟଫର୍ମରେ ଦେଖିଥିଲେ।

## ବ୍ରୋଞ୍ଜ ବିଜୟିନୀ ଅନୁପମାଙ୍କୁ ସମ୍ବର୍ଦ୍ଧନା





ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ଗହଣରେ ଅନୁପମା ସ୍ୱାଇଁ।

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଥିବା ଅନୁପମା ସ୍ୱାଇଁଙ୍କୁ ସୋମବାର ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍କଳ କରାଟେ ସ୍କୁଲର ଅନୁପମା ନିକଟରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ସାମରିକ କ୍ରୀଡ଼ାର ମହାକୁମ୍ଭ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଜୁଜୁତ୍‌ସୁର ଫୁଲ୍ କଣ୍ଟାକ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭକରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିଲେ। ସମ୍ପ୍ରତି ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଭାରତର ଏକମାତ୍ର ପ୍ରତିଯୋଗୀଭାବେ ଏହି ସଫଳତା ପାଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ଅନୁପମାଙ୍କୁ ଉପଢୌକନ, ମାନପତ୍ର ଓ ୨୫,୦୦୦ ଟଙ୍କାର ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁପମାଙ୍କ କୋଚ୍ ଡ. ହରିପ୍ରସାଦ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବୋଧି ସୋସାଇଟିର ସମ୍ପାଦକ ଡ. ସୌରେନ୍ଦ୍ର ମହାପାତ୍ର ଓ ଡ. ବଦ୍ରିନାଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ନବରଞ୍ଜନ ପଟ୍ଟନାୟକ, ନବକିଶୋର ବରାଳ, ନିର୍ମାଲ୍ୟ ବରାଳ, ପ୍ରିୟରଞ୍ଜନ ମହାନ୍ତି, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁପମା କରାଟେରେ ଜାତୀୟ ଓ ରାଜ୍ୟଗୋଷ୍ଠୀ ପଦକ ଏବଂ ଶକ୍ତି ଉତ୍ତୋଳନର ଏସୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ଓଡ଼ିଶା ଖେଳାଳିଙ୍କ ବିଜୟ ଅଭିଯାନ









ଦୀପ ରଞ୍ଜନ ବିଶୋଇ, ଦିଲେଶ୍ୱର ରାଓ ଓ ପ୍ରମୋଦ ଭଗତ।

**ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି):** ବ୍ୟାଙ୍କକ୍‌ର ହୁଆମାର ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୨୪୫ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ୍ସ ବିଭାଗରେ ଓଡ଼ିଶା ପ୍ରତିଯୋଗୀମାନେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ନିକଟରେ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଡେବାଭିଲାରି ଜାଭିୟର୍ସଙ୍କୁ ୨୧–୧୭, ୨୧–୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ଦିଲେଶ୍ୱର ରାଓ ଥାଇଲାଣ୍ଡର ସୋମତା ତାନାକୋନଙ୍କୁ ୨୧–୬, ୨୧–୧୨ରେ ହରାଇଥିବାବେଳେ ଦୀପରଞ୍ଜନ ବିଶୋଇ ମାଲେସିଆର ମହମ୍ମଦ ସାହେରିଙ୍କୁ ୨୧–୭, ୨୧–୧୦ ପଏଣ୍ଟରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ସିଙ୍ଗଲ୍ସରେ ଅନ୍ୟ ମ୍ୟାଚ ଏବଂ ଡବଲ୍ସ ଗ୍ରୁପ ମ୍ୟାଚ ଆରମ୍ଭ ହେବ।

ମନେ ପଡ଼ନ୍ତି

ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବଂଶୀଧର ମିଶ୍ର
ଆବିର୍ଭାବ: ୧୦।୦୭।୧୯୫୦
ତିରୋଧାନ: ୨୧।୦୯।୨୦୦୫
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନମାନେ।
ଧ–୧୪୩୬୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର
ଆବିର୍ଭାବ: ୦୨।୦୯।୧୯୬୮
ତିରୋଧାନ: ୦୮।୦୯।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଭାବଗ୍ରାହୀ ମିଶ୍ର, ରମାକାନ୍ତ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ସୂର୍ଯ୍ୟକାନ୍ତ ମିଶ୍ର, ଅନ୍ନପୂର୍ଣ୍ଣା ନନ୍ଦ, ପ୍ରଫୁଲ୍ଲ ନନ୍ଦ ଓ ପରିବାରବର୍ଗ।
ଧ–୬୭୦୬୬

ଏକାଦଶାହ ଉପଲକ୍ଷେ



√ ଛାୟାକାନ୍ତ ସାହୁ
୪୮, ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୫.୦୪.୧୯୪୧
ତିରୋଧାନ : ୦୭.୦୯.୨୦୧୯
ଆଜି ଏକାଦଶାହ ଉପଲକ୍ଷେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ତ୍ରୀ -ସୌଦାମିନୀ କନ୍ୟା-ସୁକାନ୍ତି, ସୁନିତୀ, ନାତି-ଉଦିତ ନାତୁଣୀ-ସୁଶ୍ରୀ ଓ ଜ୍ୱାଇଁ ତଥା ବନ୍ଧୁଗଣ
ଧ–୬୮୦୦୧

ଅଠେଇଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୭, ସହିଦନଗର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
“ମୃତ୍ୟୁ କାହାପାଇଁ କିପରି ଆସେ ମଣିଷ ଜାଣେନା ...
କାହା କପାଳରେ କେବେ ମୃତ୍ୟୁ ତାରିଖ ଲେଖା ମଣିଷ ପଢ଼େନା” ...
ବାପା, ଆଜିର ପବିତ୍ର ଦିନରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ। ଇତି
ଆପଣଙ୍କର ପରିବାରବର୍ଗ
ଧ–୬୮୦୦୨

# ଆନ୍ତଃଜିଲା ଏଟିଏମ୍ ଲୁଟେରା ଗିରଫ

ଧାମନଗର, ୧୬।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଥାନା ପୋଲିସ ସୋମବାର ଦୁଇ ଆନ୍ତଃଜିଲା ଏଟିଏମ୍ ଲୁଟେରାଙ୍କୁ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଚମ୍ପେଇପାଳ ଗ୍ରାମରୁ ଗିରଫ କରିଛି। ସେମାନେ ହେଲେ ଚମ୍ପେଇପାଳ ଗ୍ରାମର ପ୍ରମୋଦ ସାମଲ ଓ ସୌମ୍ୟ ସାମଲ। ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ତଦନ୍ତ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି।

ସୂଚନା ଅନୁସାରେ, ଧାମନଗର ଥାନା ଅଧୀନ ଭଗବାନପୁର ପଞ୍ଚାୟତର ମାୟାଧର ଦାସ ନାମକ ଜଣେ ବ୍ୟକ୍ତି ଗତ ଜୁଲାଇ ୨୨ରେ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ଜଣେ ଯୁବକ ତାଙ୍କୁ ମିନିଷ୍ଟେଟମେଣ୍ଟ ମାରିବାକୁ କହି କାର୍ଡ ହାତେଇ ନେଇ ଅନ୍ୟ ଏକ କାର୍ଡ ଧରାଇ ଦେଇ ପଳାଇ ଯାଇଥିଲେ। ସେ ମାୟାଧରଙ୍କ ଆକାଉଣ୍ଟରୁ ଲକ୍ଷେ ୬୫ ହଜାର ୭ ଶହ ଟଙ୍କା ଉଠାଇ ନେଇଯାଇଥିଲେ। ପରେ ମାୟାଧର ତାଙ୍କ ଏଟିଏମ୍ କାର୍ଡ ଚୋରି ହୋଇଥିବା ଜାଣି ଧାମନଗର ଥାନାରେ ଏତଲା ଦେବା ବେଳକୁ ତାଙ୍କ ଆକାଉଣ୍ଟ ଖାଲି ହୋଇଯାଇଥିଲା। ଏହାର ଦୁଇଦିନ ପରେ ଧୁଷୁରୀ ଏଟିଏମ୍‌ରେ ବାହାରବିଲ ଗ୍ରାମର ରାଜମିସ୍ତ୍ରୀ ସନାତନ ମାଝୀ ଅନୁରୂପ ଲୁଟ୍‌ର ଶିକାର ହୋଇଥିଲେ। ଧାମନଗର ଥାନା ପୋଲିସ ସନାତନଙ୍କୁ ଥାନାକୁ ନେଇ ପଚରାଉଚୁରା କରି ଘଟଣା ସମ୍ପର୍କରେ ବୁଝିଥିଲା। ଏହାର ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ଆଇଆଇସି ମାନସ କୁମାର ଦେଓ ଏସ୍‌ଆଇ ମୋତିଲାଲ ମାରାଣ୍ଡିଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ଜୋରଦାର କରାଯାଇ ସିସିଟିଭି କ୍ୟାମେରାରୁ ବିଭିନ୍ନ ଏଟିଏମ୍‌ର ଫୁଟେଜ ବାହାର କରାଯାଇଥିଲା। ଫୁଟେଜରୁ ଭଦ୍ରକ ମେଟ୍ରୋ ବଜାରରେ ସପିଂ ସମୟର ଦୃଶ୍ୟରୁ ପୋଲିସ ପ୍ରମୋଦଙ୍କୁ ଚିହ୍ନଟ କରିଥିଲା। ସେଠାରେ ସେ ଦେଇଥିବା ମୋବାଇଲ ନମ୍ବର ସାହାଯ୍ୟରେ ପୋଲିସ ତାଙ୍କୁ ଠାବ କରିଥିଲା। ପୋଲିସ ଚମ୍ପେଇପାଳ ଛକରେ ପହଞ୍ଚି ତାଙ୍କୁ ଓ ସହଯୋଗୀ ସୌମ୍ୟଙ୍କୁ ଥାନାକୁ ନେଇ ତଦନ୍ତ ଚଳାଇଥିଲା। ପଚରାଉଚରା ପରେ ସେମାନେ ଏହିଭଳି ଏଟିଏମ୍‌ରୁ ଟଙ୍କା ଲୁଟିବା ଅଭିଯୋଗରେ ଭଦ୍ରକ ଜେଲ୍‌ରେ ୮ ମାସ, ଆଳି ଓ ଯାଜପୁର ଟାଉନ ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲ୍ ଦଣ୍ଡ କାଟିଥିବା ଜଣାପଡ଼ିଥିଲା। ଧାମନଗର ଥାନା ପୋଲିସ ଏକ ମାମଲା(ନଂ.୧୫୩/୧୯) ରୁଜୁ କରି ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଏକ ମାରୁତି କାର ଜବତ କରିଛି। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଗିରଫ ୨ ଚୋର।

RELEASED ! RELEASED !! RELEASED !!!
USHA'S +2 SAMPLE PAPERS
(ARTS, SCIENCE & COMMERCE)
◆ALL SUBJECTS◆ (2nd Year)
USHA BOOKS Co-ordination with KALYANI PUBLISHERS
(Gopabandhu Lane, Badambadi, Cuttack - 12, Phone : 0671 - 2311391 / 92)

# ପୁରୁଣାବଜାରରେ ଲାଠିଚାର୍ଜ


ପୁରୁଣାବଜାର ଥାନା ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ହୋହଲ୍ଲା।

ଭଦ୍ରକ ଅଫିସ, ୧୬।୯

ଏକ ଦୋକାନରେ ଉପାସନା କାର୍ଯ୍ୟ ଲାଗି ବିକ୍ରି ସକାଶେ ରଖାଯାଇଥିବା ଚାଦରକୁ ପୋଲିସ ଫିଙ୍ଗିଦେବା ଘଟଣା ନେଇ ଭଦ୍ରକ ସହର ପୁରୁଣାବଜାର ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପୋଲିସର ଏଭଳି କାର୍ଯ୍ୟକୁ ବିରୋଧ କରି ଶତାଧିକ ଲୋକ ପୁରୁଣାବଜାର ଥାନା ଆଗରେ ରୁଣ୍ଡ ହୋଇ ପ୍ରତିବାଦ ଜଣାଇଥିଲେ। ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଥାନା ସମ୍ମୁଖ, ମେଡିକାଲ ଓ ପୁରୁଣାବଜାର ଅଞ୍ଚଳରେ ପ୍ରାୟ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ଆଇଜି ଦିପ୍ତେଶ ପଟ୍ଟନାୟକ ଓ ଏସ୍‌ପି ରାଜେଶ ପଣ୍ଡିତ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଆଇଜି ପଟ୍ଟନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ଚାଦର ଫିଙ୍ଗା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଯାଞ୍ଚ କରି ୨୪ ଘଣ୍ଟା ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଶାଳନ୍ଦୀ ନଦୀରୁ ମୃତଦେହ ଉଦ୍ଧାର

**ଠାକୁରମୁଣ୍ଡା,୧୬।୯(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅନ୍ତର୍ଗତ ସାତକୋଶିଆ ପଞ୍ଚାୟତର ଜାମୁନଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ରାତିରେ ସାଳନ୍ଦୀ ନଦୀରୁ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ସେହି ଗ୍ରାମର ସେଲାୟ ବୁଡିଓଲି (୫୦) ବୋଲି ଜଣାପଡ଼ିଛି। ଶୁକ୍ରବାର ସକାଳୁ ସେଲାୟ ଏକ ସାଇକେଲ ନେଇ ଘରୁ ବାହାରକୁ ଯାଇ ଆଉ ଫେରିନଥିଲେ। ଚିଆବେଡା-ଜାମୁନଣ୍ଡା ଗ୍ରାମ୍ୟ ରାସ୍ତାରେ ଥିବା ସାଳନ୍ଦୀ ନଦୀର ପୋଲ ନିକଟ ରାସ୍ତା କଡ଼ରୁ ଶନିବାର ସନ୍ଧ୍ୟାରେ ତାଙ୍କର ସାଇକେଲ ମିଳିଥିଲା। ରବିବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ସାଳନ୍ଦୀ ନଦୀର ଭୈରବ କୁଣ୍ଡ ନିକଟରେ ତାଙ୍କ ଗଳିତ ମୃତଦେହ ଭାସୁଥିବା ଦେଖି ଲୋକେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଓ ମହୁଲଡ଼ିହା ଥାନା ପୋଲିସ ପହଞ୍ଚି ନଦୀ ଭିତରୁ ମୃତଦେହ ଉଦ୍ଧାର କରିଥିଲେ। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୧୯)ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଘଷିପୁରା ପଠାଇ ପୋଲିସ ଘଟଣାର ତଦନ୍ତ କରୁଛି।

■ କପ୍ତିପଦା ଥାନା ଏଏସ୍‌ଆଇଙ୍କ ନାମରେ ବଳାତ୍କାର ଉଦ୍ୟମ ଅଭିଯୋଗ

# ନବୀନ ନିବାସ ଆଗରେ ପରିବାର ସଦସ୍ୟଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର(ବ୍ୟୁରୋ)/ କପ୍ତିପଦା(ଡି.ଏନ୍.ଏ.),୧୬।୯

■ ମିଛ ମାମଲାରେ ଛନ୍ଦି ହଇରାଣ କରାଯାଉଛି

■ ଅଭିଯୋଗ ରଖି ଛାଡ଼ିଲା କମିଶନରେଟ ପୋଲିସ

ମୟୂରଭଞ୍ଜ ଜିଲା କପ୍ତିପଦା ପୋଲିସ ନ୍ୟାୟ ଦେଉନି। ପୂର୍ବରାଗ ରଖି ବିଭିନ୍ନ ସମୟରେ ହଇରାଣ ହରକତ କରୁଛି। ଥାନାର ଜଣେ ଏଏସ୍‌ଆଇ ମିଛ ମାମଲାରେ ଫସାଇ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ସହ ପରିବାର ସଦସ୍ୟଙ୍କୁ ଜେଲ୍ ପଠାଇଛନ୍ତି। ପରିବାର ଲୋକେ ଥାନା ଅଧିକାରୀ ଓ ଏସ୍‌ପିଙ୍କୁ ଭେଟି ନ୍ୟାୟ ନିବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳିଲାନି। ବରଂ ନିର୍ଯାତନା ବଢ଼ି ଚାଲିବାରୁ ଶେଷରେ ପୀଡିତ ପରିବାରର ସଦସ୍ୟମାନେ ନ୍ୟାୟ ପାଇଁ ସୋମବାର ଭୁବନେଶ୍ୱର ଆସି ନବୀନ ନିବାସ ନିକଟରେ ପହଞ୍ଚିଥିଲେ। ଉପସ୍ଥିତ ପୋଲିସକୁ ଏ ସମ୍ପର୍କରେ ଜଣାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚାହିଁଥିଲେ। ହେଲେ ସୁଯୋଗ ନ ମିଳିବାରୁ ଶେଷରେ ସେମାନେ ସେଠାରେ ଆତ୍ମାହୁତି ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ କାବୁ କରିନେବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନେଇଥିଲେ। ଅଭିଯୋଗ ରଖାଯିବା ପରେ ସେମାନଙ୍କୁ ସେଠାରୁ କ୍ୟାପିଟାଲ ପୋଲିସ ଭ୍ୟାନ୍‌ରେ ବସାଇ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଛାଡ଼ିଦେଇଥିଲା।

ଅଭିଯୋଗ ମୁତାବକ, ପାରିବାରିକ କଳହକୁ ନେଇ ଗତ ମେ ମାସରେ ଏହି ପରିବାରର ଜଣେ ମହିଳାଙ୍କ ସ୍ୱାମୀଙ୍କ ନାମରେ ପଡୋଶୀଙ୍କ ପକ୍ଷରୁ କପ୍ତିପଦା ଥାନାରେ ଅଭିଯୋଗ ହୋଇଥିଲା। ମହିଳା ଜଣକ ମଧ୍ୟ ପଡୋଶୀ ଲୋକଙ୍କ ନାମରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତଭାର ନେଇଥିବା ଏଏସ୍‌ଆଇ ଶୁଭେନ୍ଦୁ ବେହେରା ବିଭିନ୍ନ ସମୟରେ ପୀଡିତାଙ୍କୁ ଥାନାକୁ ଡାକି ଦୁର୍ବ୍ୟବହାର କରିବା ସହ ଖରାପ ନଜର ରଖୁଥିଲେ। ମେ' ୧୨ ବିଳମ୍ବିତ ରାତିରେ ଏଏସ୍‌ଆଇ ବେହେରା ଜଣେ ହୋମଗାର୍ଡଙ୍କ ସହ ପୀଡିତାଙ୍କ ଘରେ ପହଞ୍ଚି ଶୋଇଥିବା ଅବସ୍ଥାରେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ପରିବାର ଲୋକେ ଉଠି ପଡ଼ିବାରୁ ହୋମଗାର୍ଡ ସେଠାରୁ ଦୌଡ଼ି ପଳାଇଥିଲେ ଓ ଏସ୍‌ଆଇ ବେହେରାଙ୍କ ମୁଣ୍ଡ ଗ୍ରୀଲ୍‌ରେ ମାଡ଼ ହୋଇ ଫାଟିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଥାନାର ଅନ୍ୟ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଉଦଳା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ଏଏସ୍‌ଆଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୬୬/୧୯)ରୁଜୁ କରି ପୀଡିତାଙ୍କ ସ୍ୱାମୀଙ୍କୁ ଗିରଫ କରିଥିଲା। ବଳାତ୍କାର ଉଦ୍ୟମ ନେଇ ପୀଡିତା ଜଣକ ତାଙ୍କ ଯାଆଙ୍କ ସହ ଅଭିଯୋଗ କରିବାକୁ ଥାନାକୁ ଯାଇଥିବାବେଳେ ପୋଲିସ ସେମାନଙ୍କୁ ମିଛ ମାମଲାରେ ଫସାଇ କୋର୍ଟଚାଲାଣ କରିଥିଲା। ସେହିଭଳି ଏହି ମାମଲାରେ ତାଙ୍କ ଦିଅର ଓ ଶ୍ୱଶୁର କୋର୍ଟରୁ ଜାମିନ ପାଇଯାଇଥିଲେ ମଧ୍ୟ ପୋଲିସ ରାଗ ରଖି ନାନା ହଇରାଣ କରୁଥିବା ସେମାନେ ପ୍ରକାଶ କରିଛନ୍ତି। ଏପରି କି ସେମାନଙ୍କ ବ୍ୟବସାୟ ଉପରେ ମଧ୍ୟ ପୋଲିସ ଦାଉ ସାଧୁଛି। ଗତ କିଛିଦିନ ତଳେ ତାଙ୍କ ପରିବାରର ଏକ ଟ୍ରାକ୍ଟର ଡାଲାକୁ ପୋଲିସ ନେଇଯାଇଛି। ମେଟାଲ ଚୋରା ଚାଲାଣ ପାଇଁ ଯେଉଁ ଟ୍ରାକ୍ଟର ସିଜ୍ ହୋଇଛି ଉକ୍ତ ଡାଲାଟି ତାହାର ନୁହେଁ ବୋଲି ସେମାନେ କହିଛନ୍ତି। ପୋଲିସ ବିଳମ୍ବିତ ରାତିରେ କାହିଁକି ମହିଳାଙ୍କ ଘରକୁ ଯାଇଥିଲା ଓ ପୂରା ଘଟଣା ଲାଗିଥିବା ସିସିଟିଭି ଫୁଟେଜରେ ରହିଥିଲେ ମଧ୍ୟ ତାହାକୁ ମଧ୍ୟ ନଷ୍ଟ କରିଦିଆଯାଇଥିବା ପୀଡିତା ଓ ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି।

ଏନେଇ ଏଏସ୍‌ଆଇ ବେହେରା କହିଛନ୍ତି, ତାଙ୍କ ସ୍ୱାମୀଙ୍କ ନାମରେ ଅଭିଯୋଗ ରହିଥିବାରୁ ତାଙ୍କ ଘରେ ଚଢାଉ କରିଥିଲୁ। ହେଲେ ଗିରଫରୁ ବର୍ତ୍ତିବା ପାଇଁ ପୋଲିସକୁ ପରିବାର ସଦସ୍ୟ ଆକ୍ରମଣ କରିଥିଲେ। ବଳାତ୍କାର ମାମଲା ମିଛ। ସେମାନେ ପୋଲିସର ମନୋବଳ ଭାଙ୍ଗିବା ପାଇଁ ଏଭଳି ଅଭିଯୋଗ ଆଣିଛନ୍ତି।

■ ଏସ୍‌ଏଚ୍‌ଜି ଅର୍ଥ ହଡ଼ପ ମାମଲା

# ସ୍ୱାମୀ ଜେଲ୍ ଗଲେ, ସ୍ତ୍ରୀ ଫେରାର

ରୂପସା, ୧୬।୯(ଡି.ଏନ.ଏ.)

ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚଜି)ରୁ ଲକ୍ଷାଧିକ ଟଙ୍କା ହଡପ ଅଭିଯୋଗରେ ବାଲେଶ୍ୱର ଜିଲା ରୂପସା ଥାନା ବାଖରାବାଦ ଗ୍ରାମର ଅଭିଯୁକ୍ତ ରମେଶ ରାଉତଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ସ୍ତ୍ରୀ ଫେରାର ହୋଇଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତଙ୍କୁ ରବିବାର ରାତିରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।

ଗ୍ରାମର ବିଭିନ୍ନ ଏସ୍‌ଏଚ୍‌ଜି ସଭ୍ୟାଙ୍କ ଲକ୍ଷାଧିକ ଟଙ୍କା ଋଣ ରାଶି ମାସିକ କିସ୍ତି ବାବଦ ଅର୍ଥକୁ ରମେଶ ଓ ତାଙ୍କ ସ୍ତ୍ରୀ କବିତା ରାଉତ ମିଶି ହଡ଼ପ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ସାଇବାବା ଏସ୍‌ଏଚ୍‌ଜି ସଭାନେତ୍ରୀଙ୍କ ଅଭିଯୋଗକ୍ରମେ ଗତ ଜୁଲାଇ ୯ତାରିଖରେ ଏକ ମାମଲା (ନଂ. ୫୧/୧୯) ଏବଂ ଲକ୍ଷ୍ମୀନାରାୟଣ ଏସ୍‌ଏଚ୍‌ଜିର ସମ୍ପାଦିକା ମଞ୍ଜୁଲତା ଲେଙ୍କାଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ. ୫୦/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଲକ୍ଷାଧିକ ଟଙ୍କା ନେଇ ଉଭୟ ସ୍ୱାମୀ, ସ୍ତ୍ରୀ ଗାଁ ଛାଡ଼ି ବାଲେଶ୍ୱରରେ ଘରଭଡ଼ା ନେଇ ରହୁଥିବାରୁ ମହିଳା ଗୋଷ୍ଠୀର ସଭ୍ୟାଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ବର୍ଷେ ହେବ କୌଣସି ପଇସା ପରିଶୋଧ ନ କରିବାରୁ ମହିଳାମାନେ ଜିଲାପାଳ ଓ ଥାନାରେ ଅଭିଯୋଗ କରିଥିଲେ। ୨ମାସ ପରେ ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଓ ଏଏସ୍‌ଆଇ ନରହରି ମହାଳିକ ଚଢ଼ାଉ କରି ବାଲେଶ୍ୱରର କୁରୁଡ଼ା ଛକଠାରୁ ସ୍ୱାମୀ ରମେଶ ରାଉତଙ୍କୁ ଗିରଫ କରିଥିବାବେଳେ ତାଙ୍କ ସ୍ତ୍ରୀ ଫେରାର ଥିବା ପୋଲିସ କହିଛି।

■ ଦିବ୍ୟାଙ୍ଗ ନାବାଳିକା ବଳାତ୍କାରର ଶିକାର

# ଥାନାରେ ଦ୍ୱାରସ୍ଥ ପୀଡ଼ିତା, ତାଙ୍କ ମା'

**ପାଟଣା,୧୬।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଠାରୁ ୧୨ କି.ମି. ଦୂର ଏକ ଗ୍ରାମରେ ୧୫ ବର୍ଷର ଜଣେ ଦିବ୍ୟାଙ୍ଗ ନାବାଳିକା ବଳାତ୍କାରର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା' ଏସମ୍ପର୍କରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପୀଡ଼ିତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯାଇଛି। ବଳାତ୍କାରର ଶିକାର ହୋଇ ପୀଡ଼ିତା ଗର୍ଭବତୀ ଥିବା ପରିବାର ଲୋକେ ଦର୍ଶାଇଛନ୍ତି। ଘଟଗାଁ ଏସଡିପିଓ ରବୀନ୍ଦ୍ର ମଲ୍ଲିକ ଏହି ସୂଚନା ଦେଇ କହିଛନ୍ତି, ପୀଡ଼ିତା ଜଣକ କଥା କହିପାରୁ ନ ଥିବାରୁ ତଦନ୍ତ ପ୍ରକ୍ରିୟା ଜଟିଳ ହୋଇପଡ଼ିଛି। ଡାକ୍ତରୀମାଇନା ରିପୋର୍ଟ ଆସିବାପରେ ତଦନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଧରିତ୍ରୀ ପୋର୍ଟାଲ ଦେଖି ନିଖୋଜ ଝିଅକୁ ଫେରିପାଇଲେ ଦମ୍ପତି

ଭଦ୍ରକ ଅଫିସ, ୧୬।୯

ଭଦ୍ରକ ବସ୍‌ଷ୍ଟାଣ୍ଡରୁ ୩ ବର୍ଷର ଶିଶୁକନ୍ୟା ଉଦ୍ଧାର ଶୀର୍ଷକ ଏକ ଖବର ଧରିତ୍ରୀ ପୋର୍ଟାଲରେ ପ୍ରକାଶ ପାଇଥିଲା। ଏହି ଖବର ଦେଖି କେନ୍ଦୁଝର ଜିଲା ଧନଞ୍ଜୟପୁର କୁଶଟିକିରି ଗାଁର ନାରାୟଣ ହୋ ଓ ପତ୍ନୀ ଲାଜୁରୀ ହୋ ଭଦ୍ରକ ଆସି ପୋଲିସ ହେପାଜତରେ ବାତ୍ସଲ୍ୟ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନରେ ଥିବା ସେମାନଙ୍କ ୩ ବର୍ଷର ଝିଅକୁ ଫେରି ପାଇଛନ୍ତି। ଏହି ଦମ୍ପତି ସୋମବାର ସକାଳେ ଆସି ଭଦ୍ରକ ଟାଉନ ଥାନାରେ ପହଞ୍ଚିଥିଲେ। ଦୁଇଦିନ ପୂର୍ବେ ନିଖୋଜ ଥିବା ସେମାନଙ୍କ ଝିଅ ସମ୍ପର୍କରେ ପୋଲିସକୁ ପଚାରି ବୁଝିଥିଲେ। ପରେ ସେମାନେ ବାତ୍ସଲ୍ୟ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନକୁ ଯାଇ ଝିଅକୁ ଦେଖିଥିଲେ। ବନ୍ତ ଛକସ୍ଥିତ ଶିଶୁ ମଙ୍ଗଳ କମିଟି ନିକଟରେ ସେମାନେ ନିଜର ପ୍ରମାଣପତ୍ର ଦେଖାଇ ହଜିଲା ଝିଅକୁ ଧରି ଘରକୁ ଫେରିଥିଲେ। ଏହି ଦମ୍ପତିଙ୍କ କହିବା ଅନୁଯାୟୀ, ସେମାନେ ବିଭିନ୍ନ ସ୍ଥାନକୁ ଯାଇ ଦିନମଜୁରି ଲାଗି ପୋଟ ପୋଷିଥାନ୍ତି। କାମକୁ ଗଲେ ସାଥୀରେ ନିଜ ଝିଅକୁ ନେଇଯାଇଥାନ୍ତି। ସେମାନେ କୁଶଟିକିରି ଗାଁର ରାସ୍ତାକଡ଼ରେ ଘର କରି ରହୁଛନ୍ତି। ଘଟଣା ଦିନ ତାଙ୍କ ଝିଅ ନିଜ ଘର ସମ୍ମୁଖରୁ ଏକ ବସ୍ ଯୋଗେ ଭଦ୍ରକ ଚାଲି ଆସିଥିଲେ। ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌ରୁ ଓହ୍ଲାଇ କାନ୍ଦୁଥିବା ବେଳେ ଟାଉନ ପୋଲିସ ତାଙ୍କୁ ଉଦ୍ଧାର କରି ବାତ୍ସଲ୍ୟରେ ରଖିଥିଲା। ଏ ନେଇ ଧରିତ୍ରୀ ସମେତ ଧରିତ୍ରୀ ପୋର୍ଟାଲରେ ଗତ ୧୪ ତାରିଖରେ ଖବର ପ୍ରକାଶ ପାଇଥିଲା।

# କାର୍ଯ୍ୟାଳୟରେ ତାଲା ପକାଇଲେ ମହିଳା


ମହିଳାମାନେ ପୌରପାଳିକା କାର୍ଯ୍ୟାଳୟରେ ତାଲା ପକାଇଛନ୍ତି।

ବାସୁଦେବପୁର,୧୬।୯(ଡି.ଏନ.ଏ.)

## ସ୍ୱଚ୍ଛସାଥୀ, ସୁପରଭାଇଜର ଚୟନରେ ଅନିୟମିତତା ଅଭିଯୋଗ

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ ନଂ ୱାର୍ଡ ପାଇଁ ନିଯୁକ୍ତ ହେବାକୁ ଥିବା ସ୍ୱଚ୍ଛସାଥୀ, ସ୍ୱଚ୍ଛସାଥୀ ସୁପରଭାଇଜର ମନୋନୟନ କ୍ଷେତ୍ରରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା ତଥା ଏହି ଦୁଇ ପଦବୀ ପାଇଁ ଥିବା ଆବେଦନକାରୀମାନେ ସୋମବାର ପୌରପାଳିକା କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୌରପାଳିକାର ୩ ସ୍ୱଚ୍ଛସାଥୀ ସୁପରଭାଇଜର ଓ ୧୦ ସ୍ୱଚ୍ଛସାଥୀଙ୍କୁ ନିଯୁକ୍ତି ମିଳିଥିବା ବେଳେ ଏହା ଚଞ୍ଚକତା ଭାବେ କରାଯାଇଥିବା ସେମାନେ ଦର୍ଶାଇଛନ୍ତି। ନିଯୁକ୍ତି ବାତିଲ୍ କରାଯିବା ସହ ଚୟନ କ୍ଷେତ୍ରରେ ସ୍ୱଚ୍ଛତା ପ୍ରଦର୍ଶନ କରି ନିଯୁକ୍ତି ଦିଆଯିବାକୁ ଆନ୍ଦୋଳନକାରୀ ମହିଳାମାନେ ଦାବି କରିଛନ୍ତି। ପୌରପାଳିକା କାର୍ଯ୍ୟାଳୟରେ ତାଲା ପଡ଼ିବା ଯୋଗୁ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ପୌରପାଳିକା ଗୋଷ୍ଠୀ ସଙ୍ଗଠିକା ଜ୍ୟୋତ୍ସ୍ନାରାଣୀ ମଲ୍ଲିକଙ୍କୁ ପଚାରିବାରୁ ଚୟନ ପ୍ରକ୍ରିୟାରେ କୌଣସି ପାତରଅନ୍ତର କରାଯାଇ ନାହିଁ।

■ ମଧ୍ୟାହ୍ନଭୋଜନ ତରକାରିରେ ପୋକ ବାହାରିବା ଘଟଣା

# ତଦନ୍ତ ରିପୋର୍ଟ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ

ବଡ଼ସାହି,୧୬।୯(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ଉଠାଣୀ ନୂଆଗାଁ ନୋଡାଲ ଉପ୍ରା ବିଦ୍ୟାଳୟର ମଧ୍ୟାହ୍ନଭୋଜନ ତରକାରୀରେ ପୋକ ବାହାରିବା ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିମ୍ନମାନର ପୋଷାକ, ଜୋତା ଓ ଦାୟିତ୍ୱହୀନତା ପାଇଁ ଗ୍ରାମବାସୀମାନେ ସୋମବାର ଏକତ୍ରିତ ହୋଇ ତଦନ୍ତକାରୀ ଅଫିସରଙ୍କ ନିକଟରେ ଅଭିଯୋଗ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି ନ କରିବା ପର୍ଯ୍ୟନ୍ତ ତଦନ୍ତକାରୀ ଅଫିସରଙ୍କୁ ଛଡାଯିବ ନାହିଁ ବୋଲି ଲୋକେ ଅଡି ବସିଥିଲେ। ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ସାବିନୀ ସିଂଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେହି ସ୍ଥାନରେ ମଧୁଛନ୍ଦା ପାଣିଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିବା ଏବିଇଓ ପଦ୍ମଲୋଚନ ଦାସ ପ୍ରକାଶ କରିଛନ୍ତି।

ଶୁକ୍ରବାର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ହେବା ପରେ ସୟାବଡି ତରକାରୀରେ ପୋକ ଦେଖି ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅଳ୍ପ କେତେକ ଭୋଜନ ନ କରି ପରିବାର ଲୋକଙ୍କୁ ଜଣାଇଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଶନିବାର ଅଭିଭାବକମାନେ ସ୍କୁଲରେ ପହଞ୍ଚି ତରକାରୀ ଦେଖିଥିଲେ। ଏଥିରେ ପୋକ ମରି ଭାସୁଥିବା ଦେଖି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ଅଭିଭାବକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ଅଭିଭାବକ ଓ ଗ୍ରାମବାସୀ ସମସ୍ୟା ସମ୍ପର୍କରେ ସିଆରସିସି ଓ ଏବିଇଓଙ୍କୁ ଜଣାଇଥିଲେ। ସୋମବାର ଏବିଇଓ ଶ୍ରୀ ଦାସ, ଏବିଇଓ ସୋମନାଥ ଦାସ ଓ ସିଆରସିସି କୋମଳ ଲୋଚନ ସେଠୀ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଶତାଧିକ ଗ୍ରାମବାସୀ ଓ ଅଭିଭାବକ ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍କୁଲକୁ ଆସିଥିବା ପୋଷାକ ଓ ଜୋତା ଅତି ନିମ୍ନମାନର ବୋଲି ଅଭିଯୋଗ କରିଥିଲେ। ନିମ୍ନମାନର ପୋଷାକ ଓ ଜୋତାକୁ ଦେଖାଇ ବିକ୍ଷୋଭ କରିବା ସହ ସେଗୁଡିକୁ ଉତ୍ତ୍ୟକ୍ତ ଅଭିଭାବକମାନେ ବାହାରକୁ ଫିଙ୍ଗି ଦେଇଥିଲେ। ଏ ସମସ୍ତ ଅନିୟମିତତା ଓ ଦାୟିତ୍ୱହୀନତାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପାଇଁ ଗ୍ରାମବାସୀ ଅଡ଼ି ବସିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ତଦନ୍ତରେ ଆସିଥିବା ଅଧିକାରୀଙ୍କୁ ଛଡାଯିବ ନାହିଁ ବୋଲି ଗ୍ରାମର ବିନୋଦ ବେହେରା, ଜଗବିହାରୀ ସେଠୀ, ମନୋହର ସେଠୀ, ଶ୍ରୀନାଥ ସାହୁ, ବୀର ସାହୁ, ହରିହର ବେହେରା, ନାରାୟଣ ପୃଷ୍ଟି, ଶ୍ରୀକାନ୍ତ ବେହେରା ପ୍ରମୁଖ ଜିଦରେ ଅଟଳ ରହିଥିଲେ। ଉପାୟ ନପାଇ ବଡ଼ସାହି ବିଇଓ ଦେବବ୍ରତ ବାରିକ ଚିଠି ନଂ. ୧୧୭୧/୧୬।୯।୨୦୧୯ରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜନ କଲ୍ୟାଣ ନୋଡାଲ ୟୁପି ସ୍କୁଲକୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ସୋରିଷକୋଠା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ପାଣିଙ୍କୁ ଚିଠି ନଂ. ୧୧୭୫/୧୬।୯।୨୦୧୯ରେ ଉଠାଣୀନୂଆଗାଁ ସ୍କୁଲରେ ଅବସ୍ଥାପିତ କରାଯାଇଛି। ଦୀର୍ଘ ଦିନ ଧରି ସ୍କୁଲ ପରିଚାଳନା କମିଟି ଗଠନ ହୋଇ ନ ଥିବା ବେଳେ ଏହାକୁ ବୁଧବାର ଗଠନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମାଟି ଚାଲାଣ କରୁଥିବା ଟ୍ରାକ୍ଟର ଜବତ

**ଆନନ୍ଦପୁର,୧୬।୯(ସ୍ୱ.ପ୍ର.)-** ଆନନ୍ଦପୁର ତହସିଲ ଅଧୀନ କଲେଜ ପଛ ପାର୍ଶ୍ୱରେ ବେଆଇନ ଭାବେ ମାଟି ଉତ୍ତୋଳନ କରୁଥିବା ଏକ ଟ୍ରାକ୍ଟରକୁ ତହସିଲଦାର ତପନ କୁମାର ନାୟକ ଜବତ କରିଛନ୍ତି। ସମ୍ପୃକ୍ତ ଟ୍ରାକ୍ଟର ନିକଟରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାଯୋଗ୍ୟ, ଆନନ୍ଦପୁର କଲେଜ ପଛପାର୍ଶ୍ୱରେ ୬ଏକର ବିଶିଷ୍ଟ ସରକାରୀ ସଂରକ୍ଷିତ ଜାଗାରୁ ଦୈନିକ ବହୁ ସଂଖ୍ୟାରେ ଟ୍ରାକ୍ଟର ଚୋରାରେ ମାଟି ଚାଲାଣ କରୁଥିବା ଘଟଣା ଉଦ୍‌ବେଗର କାରଣ ସାଜିଛି। ସମ୍ପୃକ୍ତ ସ୍ଥାନଟିକୁ ତହସିଲ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାପଚୁପ କରାଯାଇ ସଂରକ୍ଷିତ ରଖିଥିବାବେଳେ ମାଫିଆମାନେ ବେଧଡକ ମାଟି ଚାଲାଣ କରି ବେଶ୍ ମୁନାଫା କମାଉଛନ୍ତି। ବିଭିନ୍ନ ସମୟରେ ସୂଚନା ପାଇ ତହସିଲ ପକ୍ଷରୁ ଚଢ଼ାଉ କରାଯାଉଥିଲେ ସୁଦ୍ଧା ଚୋରା ଚାଲାଣକାରୀ କୌଶଳ କ୍ରମେ ଖସିପଳାଇବାକୁ ସମର୍ଥ ହେଉଛନ୍ତି। ତେବେ ସୋମବାର କୌଣସି ସୂତ୍ରରୁ ସୂଚନା ପାଇ ତହସିଲ ପକ୍ଷରୁ ଚଢ଼ାଉ କରି ସମ୍ପୃକ୍ତ ଟ୍ରାକ୍ଟରକୁ ଜବତ କରାଯାଇଥିଲା।

### ମାତୃ କର୍ମଶାଳା ଅନୁଷ୍ଠିତ

**ଢେଙ୍କିକୋଟ, ୧୬।୯(ଡି.ଏନ୍.ଏ.)-** ରବିବାର ଅପରାହ୍ନ ୩ଟାବେଳେ ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର ମଧ୍ୟରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ବାଟିକା ପ୍ରମୁଖ ରଞ୍ଜିତାରାଣୀ କର ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପିପିଳିଆ ହେଲ୍‌ଥ ସେଣ୍ଟରର ଏନ୍.ଏମ୍ ସୁପରଭାଇଜର ପ୍ରମିଳା ସିଂ ଯୋଗ ଦେଇ ଉପସ୍ଥିତ ଶତାଧିକ ମାତୃମାନଙ୍କୁ ଶିଶୁର ବିକାଶ ଏବଂ ମସ୍ତିଷ୍କ ବିକାଶ ଦିଗରେ ମା' ମାନଙ୍କର ଭୂମିକା ପ୍ରମୁଖ ବୋଲି କହି ସେ ସମ୍ବନ୍ଧରେ ବୁଝାଇଥିଲେ। ନିରଞ୍ଜନ ମହାନ୍ତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ବାଟିକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଗୁରୁଜୀ ତ୍ରୈଲୋଚନ ରାଉତ ମା'ମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ସେବିକା, ସେବକ ସହଯୋଗ କରିଥିଲେ। ଶେଷରେ ଗୁରୁଜୀ ଯଶୋବନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଆବାସ ଯୋଜନା ସମ୍ପର୍କିତ ସଚେତନତା

**ହାଟଡିହୀ,୧୬।୯(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଢେଙ୍କା ପଞ୍ଚାୟତରେ ସରକାରୀ ଆବାସ ଯୋଜନା ସମ୍ପର୍କିତ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ପଞ୍ଚାୟତର ନିମାଇଁ ସାମଲ, ଜିଆରଏସ ପ୍ରଫୁଲ୍ଲ ମାଝି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ନରହରି ନାୟକ ପ୍ରମୁଖ ଗାଁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରାଇବା ସହ ସରକାରୀ ଆବାସ ଗୃହ ପାଇବାକୁ ଥିବା ହିତାଧିକାରୀଙ୍କ ଠାରୁ ଆବଶ୍ୟକ କାଗଜ ପତ୍ର ସଂଗ୍ରହ କରିଛନ୍ତି। ଏଥିସହ ପ୍ରତି ଗ୍ରାମରେ ୫୦ ଜଣ ଜବ୍‌କାର୍ଡଧାରୀଙ୍କୁ ନେଇ ଏକ ଶ୍ରମିକ ସଂଘ ଗଠନ କରାଯାଇଛି। ଯେଉଁ ଲୋକଙ୍କର ଏସ୍‌ଇସି ତାଲିକାରେ ନାମ ନାହିଁ ସେମାନେ ଏଡିସି ଫର୍ମରେ ଆବେଦନ କରିବା ପାଇଁ କୁହାଯାଉଛି। ସୂଚନାଯୋଗ୍ୟ, ଏହି ପଞ୍ଚାୟତ ଅଧୀନରେ ୧୦ଟି ଗ୍ରାମରେ ମୋଟ ୧୯ଟି ୱାର୍ଡ ରହିଛି।

### ବ୍ୟାଟେରି ଚୋର ଗିରଫ

**ଢେଙ୍କିକୋଟ, ୧୬।୯(ଡି.ଏନ୍.ଏ.)-** ଦୈତାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣୀପାଳ ଅଞ୍ଚଳରେ ୧୦ ଚକିଆ, ୧୨ ଚକିଆ ଟ୍ରକ ସମେତ ଟିପରମାନଙ୍କରୁ ଗତ କିଛିଦିନ ହେଲା ବ୍ୟାଟେରୀ ଚୋରି ହେଉଥଲା। ଗତ ରବିବାର ବ୍ରାହ୍ମଣୀପାଳଠାରେ ଛିଡ଼ା ହୋଇଥିବା ଏକ ଟିପରରୁ ବ୍ୟାଟେରୀ ଚୋରି ହୋଇଥିବା ନେଇ ଦୈତାରୀ ଥାନାରେ ଅଭିଯୋଗ କରିଥିଲେ ମାଲିକ। ଅଭିଯୋଗ ପାଇ ଥାନା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍‌ସପେକ୍ଟର ନିତେଶ ବେହେରା ଘଟଣାର ତଦନ୍ତ କରୁଥିଲେ। ମାତ୍ର ଘଟଗାଁ ପୋଲିସ ସର୍କଲ ଏସ୍‌ଡିପିଓଙ୍କ ନିର୍ଦ୍ଦେଶ ମୁତାବକ ତଦନ୍ତ ଜାରି ରଖିଥିବାବେଳେ ଯାଜପୁର ଜିଲା କାଳିଆପାଣି ଥାନା ଗିରିଞ୍ଜାବାହାଲି ଗ୍ରାମର ପରେଶ ମହାନ୍ତ(୨୯)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଟିପର ବ୍ୟାଟେରୀ ଜବତ ହୋଇଛି। ବ୍ୟାଟେରୀ ଚୋରର ଏକ ଗ୍ୟାଙ୍ଗ ଥିବାବେଳେ ପରେଶ ମହାନ୍ତ ଗ୍ୟାଙ୍ଗର ମୁଖ୍ୟ ବୋଲି କୁହାଯାଇଛି। ଦୈତାରୀ ଥାନାରେ ଏନେଇ ଏକ ମାମଲା (ନଂ.୪୭/୧୯) ରୁଜୁ କରାଯାଇ ପରେଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

# 'ଖଣି ଅଞ୍ଚଳ ରାସ୍ତା ୭ ଦିନରେ ମରାମତି କର'




ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାପାଳ ଓ ଅନ୍ୟ ଅଧିକାରୀ।

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ତାଗିଦ୍
- ବିଭିନ୍ନ ପ୍ରସଙ୍ଗ ନେଇ ଆସିଲା ୫୭ ଅଭିଯୋଗ

**ଯୋଡ଼ା ୧୬।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ କେନ୍ଦୁଝର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଖଣି ଅଞ୍ଚଳର ରାସ୍ତାଘାଟ, ଜ୍ରୁଡି ଏସେଲ ମାଇନିଂ ଦ୍ୱାରା ପରିଚାଳିତ ହେଉଥିବା ଡିଏଭି ସ୍କୁଲ, ଅଧିକାଂଶ ଖଣି ବନ୍ଦ ଯୋଗୁ କାମଧନ୍ଦା ହରାଇ ଲୋକେ ଦାଦନ ଖଟିବାକୁ ଯିବା, ଆବାସ ଯୋଜନା ଓ ଭତ୍ତା ଆଦି ସମସ୍ୟା ସମ୍ପର୍କରେ ସମୁଦାୟ ୫୭ ଅଭିଯୋଗ ଆସିଥିଲା। ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଏସପି, ମିତ୍ରଭାନୁ ମହାପାତ୍ର, ସିଡିଏମଓ ଅଶୋକ କୁମାର ଦାସ, ଚମ୍ପୁଆ ଉପଜିଲାପାଳ ପାରୁଲ ପଟାଓରୀ, ଯୋଡା ବ୍ଲକ ଅଧ୍ୟକ୍ଷା ଶୁକ୍ରମାରୀ ଦେହୁରୀ, ଯୋଡା ବ୍ଲକ ବିଡିଓ କ୍ଷୀରୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଖଣି ଅଞ୍ଚଳ ରାସ୍ତାର ଦୁରବସ୍ଥା ଓ ଟ୍ରାଫିକ୍ ଜାମ ସମସ୍ୟା ଗୁରୁତର ରୂପ ନେଉଥିବାରୁ ଯୋଡା-ବାମେବାରୀ ୨ ନମ୍ବର ରାଜ୍ୟ ରାଜପଥର ମରାମତି ଓ ସମ୍ପ୍ରସାରଣ କାମ ଏକସପ୍ତାହ ମଧ୍ୟରେ ସାରିବାକୁ କେନ୍ଦୁଝର ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ପରେ ଏହି ରାସ୍ତା ସମସ୍ୟା ନେଇ ଜିଲାପାଳ ଖଣି ଲିଜ୍‌ଧାରୀ ପ୍ରତିନିଧିଙ୍କ ସହିତ ପୃଥକ ବୈଠକ କରି ଆଲୋଚନା କରିଥିଲେ।

ଜ୍ରୁଡି ପଞ୍ଚାୟତ ସମିତିସଭ୍ୟା ଓ ଗ୍ରାମବାସୀ ଅଭିଯୋଗ କରିଥିଲେ, ଯୋଡା-ବାମେବାରୀ ରାଜ୍ୟ ରାଜପଥ ଖାଲଖମାରେ ପୂର୍ଣ୍ଣ ହୋଇଥିବାରୁ ଦୁର୍ଘଟଣା ଘଟିବା ସହ ବସ୍, ସ୍କୁଲ ବସ୍, ଆମ୍ବୁଲାନ୍ସ ଓ ଅନ୍ୟ ଯାନବାହନ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି। ଡିଏମଏଫ ପାଣ୍ଠି ବ୍ୟୟରେ ଚାଲିଥିବା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ହେଉଥିବା ସେମାନେ ଦର୍ଶାଇଥିଲେ। ସେହିପରି ଆସନ୍ତା ମାର୍ଚ୍ଚ ମାସରେ ଏସେଲ ଖଣିର ଲିଜ୍ ଅବଧି ଶେଷ ହେଉଥିବାରୁ ଏହି ସଂସ୍ଥା ଦ୍ୱାରା ପରିଚାଳିତ ଡିଏଭି ସ୍କୁଲକୁ ବନ୍ଦ ନ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିରୁ ଏହାକୁ ଚାଲୁ ରଖିବା ସକାଶେ ଦାବି କରାଯାଇଥିଲା। କମ୍ପାନୀ ଓ ଡିଏଭି ସ୍କୁଲ କର୍ତ୍ତୃପକ୍ଷଙ୍କ ସହିତ ପ୍ରଶାସନ ପକ୍ଷରୁ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅଞ୍ଚଳରେ ଅଧିକାଂଶ ଖଣି ବନ୍ଦ ହେବା ପରେ ଭୂୟାଁରୋଇଡା ପଞ୍ଚାୟତର କେତେକ ବେକାର ଯୁବକ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହୋଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା। ବିଲେଇପଦା ଟାଟାସ୍ପଞ୍ଜ କାରଖାନାରେ ଜମିହରାଙ୍କୁ ନିଯୁକ୍ତି ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାର ଆଦିବାସୀ ସଂଗଠନ ହୋ ସେୟାଁମାସ୍କାଲ ଆକାଳା ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଘଟଣା ସମ୍ପର୍କରେ କୋର୍ଟକୁ ଯିବା ସକାଶେ ସେମାନଙ୍କୁ କୁହାଯାଇଥିବା ସଂଗଠନ ପକ୍ଷରୁ ଦର୍ଶାଯାଇଛି। କଣ୍ଡରା ପଞ୍ଚାୟତରେ ସୌରଚାଳିତ ବୋରୱେଲ ବସାଇ ପାନୀୟ ଜଳ ଯୋଗାଣ କରିବାକୁ ଯୋଡା ବ୍ଲକ ପୂର୍ବତନ ଚେୟାରମ୍ୟାନ୍ ଗିରିଧାରୀ ନାଏକ ଦାବି କରିଥିଲେ। ଗୁଆଲି ସରପଞ୍ଚ ପଦ୍ମାବତୀ ନାଏକ ପଞ୍ଚାୟତକୁ ପକ୍କା ରାସ୍ତା ନିର୍ମାଣ ହେଉ ନ ଥିବା ଅଭିଯୋଗ କରିଥିଲେ। ଧୋବାକୁଚୁଡାଠାରେ ସୋଲାର ଲାଇଟ୍ ବ୍ୟବସ୍ଥା, ବାଲାଗୋଡାଠାରେ ଜମି ଜବରଦଖଲ ସମସ୍ୟା, ଝାଡଗାଁ ଠାରେ ବାଇପାସ ରୋଡ ନିର୍ମାଣ, ଲୋଇଡାପଦା ଟୋଲଗେଟ୍, ଲହଣ୍ଡାଠାରେ ଅସମ୍ପୂର୍ଣ୍ଣ ଥିବା ପାନୀୟ ଜଳ ପ୍ରକଳ୍ପ, ଭୂୟାଁରୋଇଡାଠାରେ ଆଲୋକ ବ୍ୟବସ୍ଥା, ବିଚାକୁଣ୍ଡି କେଥ ହଟିଂ ଠାରେ ପୋଲ ନିର୍ମାଣ ନେଇ ବିଭିନ୍ନ ଦାବି ଓ ଅଭିଯୋଗ ଆସିଥିଲା। ସଡକ ଦୁର୍ଘଟଣାର ଶିକାର ହୋଇ ଭିନ୍ନକ୍ଷମ ପାଲଟିଥିବା ରଣଦୀପ୍ ସାମନ୍ତଙ୍କୁ ଚିକିତ୍ସା ନିମନ୍ତେ ଜିଲାପାଳ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶଙ୍କରପୁରରେ ଗ୍ରାମଦେବୀ ପୀଠର ଦୁରବସ୍ଥା ଓ କାନପୁର ବୃହତ ନଦୀବନ୍ଧ ଯୋଜନାରେ କ୍ଷତିଗ୍ରସ୍ତ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ଚମକପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାକର ନାଏକ ଅଭିଯୋଗ କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଲୋକେ ଭତ୍ତା ଓ ରାଶନକାର୍ଡ ଆଦି ପ୍ରସଙ୍ଗ ଉଠାଇଥିଲେ।

### ଟ୍ରେନ୍‌ରେ କଟି ଜଣେ ମୃତ

**ଢେଙ୍କିକୋଟ, ୧୬।୯(ଡି.ଏନ୍.ଏ.)**

ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମ ଚମ୍ପାଡିହି ସାହିର ସୁନାରାମ ମୁଣ୍ଡା (୫୫) ନାମକ ଜଣେ ବ୍ୟକ୍ତି ସୋମବାର ଅପରାହ୍ନରେ ଏକ ମାଲବାହୀ ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଛନ୍ତି। ସୁନାରାମ ସୋମବାର ସକାଳ ୮ଟାବେଳେ ପ୍ରତିଦିନ ଭଳି ଗ୍ରାମଲୋକମାନଙ୍କ ଗାଈ ନେଇ ଚରାଇବା ପାଇଁ ଘରୁବାହାରି ଯାଇଥିଲେ। ମାତ୍ର ବହୁ ଡେରି ପର୍ଯ୍ୟନ୍ତ ସେ ଖାଇବା ପାଇଁ ଆସି ନ ଥିବାରୁ ଘର ଲୋକ ତାଙ୍କୁ ଖୋଜା ଖୋଜି କରି ଚମ୍ପାଡିହି ନିକଟ ଟ୍ରେନ୍‌ଲାଇନ୍ ଉପରେ ଖଣ୍ଡ ବିଖଣ୍ଡିତ ମୃତଦେହ ଦେଖି ପଣ୍ଡାପଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କୁ ଖବର ଦେଇଥିଲେ। ଖବର ପାଇ ଥାନା ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଥାନା ସବ୍‌ଇନ୍ସପେକ୍ଟର ତପନ କୁମାର ଜେନା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ- ୧୭/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଡାକ୍ତରଖାନାକୁ ପଠାଯାଇଛି। ଗରୀବ ନିରୀହ ସୁନାରାମ ମୁଣ୍ଡା ଗାଈ ଚରାଇ ପରିବାର ପ୍ରତିପୋଷଣ କରୁଥିବାବେଳେ ପରିବାର ଲୋକେ ତାଙ୍କ ମୃତ୍ୟୁରେ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଛନ୍ତି। ଏଣୁ ଗରୀବ ପରିବାରକୁ ସରକାରୀ ସହାୟତା ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବିଶ୍ୱ ଓଜୋନ ଦିବସ ପାଳିତ




ବୈଠକରେ ଉପସ୍ଥିତ ଅତିଥି।

**କେନ୍ଦୁଝର, ୧୬।୯ (ସ୍ୱ.ପ୍ର./ ଡି.ଏନ.ଏ.)**

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର ତରଫରୁ ସୋମବାର ଅପରାହ୍ନରେ ବିଶ୍ୱ ଓଜୋନ ଦିବସ ସ୍ଥାନୀୟ ନଗରଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପୁଷ୍କର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ '୩୨ ବର୍ଷ ଏବଂ ଉପଶମକରଣ' ଶୀର୍ଷକ ଏକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବନ୍ୟପ୍ରାଣୀ ଡିଏଫଓ ଅଜିତ୍ କୁମାର ଶତପଥି ଯୋଗଦେଇ ସାଂପ୍ରତିକ ପରିବେଶ ପ୍ରଦୂଷଣଜନିତ ବିଭିନ୍ନ ଅସୁବିଧା କିପରି ଜୀବଜଗତ ଭୋଗୁଛନ୍ତି ଏବଂ ଏହାର ପ୍ରତିକାର ସ୍ୱରୂପ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ ଜଣାଇଥିଲେ। ଗଛ ଲଗାଇବା ସହ ନିଜ ଚାରି ପାର୍ଶ୍ୱରେ ଥିବା ଗଛର ସୁରକ୍ଷା ଏବଂ ଯତ୍ନ ନେଲେ ସବୁଜ ବଳୟ ଶୀଘ୍ର ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ସେ ଓଜନସ୍ତରର ହ୍ରାସ ପାଇବା ଯୋଗୁଁ ଅତି ନୀଳବାଇଗଣୀ ରଶ୍ମୀ କେବଳ ମାନବ ଜାତି ନୁହଁ ଅନ୍ୟା ସମସ୍ତ ପ୍ରଜାତିଙ୍କୁ ଅଶେଷ କ୍ଷତି ପହଞ୍ଚାଉଛି ବୋଲି ମତବ୍ୟକ୍ତ କରିଥିଲେ। ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ ବନବିହାରୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଜନସ୍ତରର ଉପକାରିତା ଏବଂ ଏହାର ହ୍ରାସ ଯୋଗୁଁ ବୃକ୍ଷ ଓ ଗୁଳ୍ମ ଏବଂ ଜୀବଜଗତ ଉପରେ କି ପ୍ରଭାବ ପକାଇଥାଏ ସେ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ରୋଟାରିୟାନ ଅମୀୟ କୁମାର ବେହେରା ଉପସ୍ଥିତ ଥିଲେ। ପାୱାର ପଏଣ୍ଟ ପ୍ରଦର୍ଶନ ମାଧ୍ୟମରେ ସିରାଜୁଦ୍ଦିନ କମ୍ପାନୀର ବଳଦା ବ୍ଲକ ଖଣିର ବରିଷ୍ଠ ପରିଚାଳକ ଡ଼ଃ ପୃଥ୍ୱୀରାଜ ସାହୁ ଏବଂ ଟାଟା ଷ୍ଟିଲ ଲିଃର ବରିଷ୍ଠ ପରିଚାଳକ (ପରିବେଶ) ଲଳିତ ଯାଦବ ପରିବେଶ ପ୍ରଦୂଷଣ ରୋକିବା ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ବିଜ୍ଞାନୀ ଇଂ ନିବେଦିତା ଦାସ ବେବର୍ତ୍ତା ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସହକାରୀ ପରିବେଶ ବିଜ୍ଞାନୀ ଇଂ ଅନୀଲ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାର ବିଭିନ୍ନ ଖଣି ଓ କାରଖାନାର ବରିଷ୍ଠ ଅଧିକାରୀଙ୍କ ସମେତ ପରିବେଶବିତ୍‌ମାନେ ଯୋଗ ଦେଇଥିଲେ।

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

**ଢେଙ୍କିକୋଟ, ୧୬।୯(ଡି.ଏନ୍.ଏ.)**

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ଛତିଆ ଗ୍ରାମରେ ସୋମବାର ସନ୍ଧ୍ୟାରେ ଟ୍ରେନ୍‌ରେ କଟି ବାବୁଲା ନାୟକ (୩୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଛତିଆ ଗ୍ରାମରେ। ସେ ସୋମବାର ସନ୍ଧ୍ୟା ସାଢ଼େ ୬ଟାବେଳେ ଶୌଚ ସାରି ଟ୍ରେନଲାଇନ୍ ପାର ହେଉଥିବାବେଳେ ଏକ ମାଲବାହୀ ଟ୍ରେନ୍ ତାଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ବାବୁଲାଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଢଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟ ନାରାୟଣ ପରିଡ଼ା ସଦଳବଳ ପହଞ୍ଚିଥିଲେ। ଖବର ଲେଖା ହେବା ସୁଦ୍ଧା ତଦନ୍ତ ଜାରି ରହିଥିଲା। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ପାଟଣା ପଠାଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି। ତାଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ସରପଞ୍ଚ ଦାବି କରିଛନ୍ତି।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଝୁମ୍ପୁରା, ୧୬।୯(ଡି.ଏନ.ଏ.)**

ଝୁମ୍ପୁରା ଅଞ୍ଚଳର ବଡ଼ ପୂଜା ଭାବେ ଅଭିହିତ ଶାରଦୀୟ ଦୁର୍ଗାପୂଜା ଚଳିତ ବର୍ଷ ୪୬ବର୍ଷରେ ପହଞ୍ଚି ଥିବାବେଳେ ପୂଜା ପ୍ରସ୍ତୁତି ମଧ୍ୟ ଜୋରସୋରରେ ଚାଲିଛି। ରବିବାର ସନ୍ଧ୍ୟା ସମୟରେ ଦୁର୍ଗା ପ୍ରାଙ୍ଗଣର କଲ୍ୟାଣ ମଣ୍ଡପଠାରେ ଶାରଦୀୟ ପୂଜା ପ୍ରସ୍ତୁତିର ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଶଶୀଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ପୂଜା, ମିନାବଜାର, ଅପେରା ତଥା ଆନୁଷଙ୍ଗିକ କାର୍ଯ୍ୟକ୍ରମ, ପ୍ରଶାସନିକ ସହାୟତା ଆଦି ପ୍ରସଙ୍ଗ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ପାଳିତ ହେଉଥିବା ମା'ଙ୍କର ପୂଜା ଉତ୍ସବ ସୁଚାରୁରୂପେ ସମ୍ପାଦିତ ହେବା ତଥା ପ୍ରବଳ ଗହଳିକୁ ଲକ୍ଷ୍ୟ ରଖି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପ୍ରସଙ୍ଗ ମୁଖ୍ୟତଃ ବୈଠକରେ ସ୍ଥାନ ପାଇଥିଲା। ପୂଜା ଉତ୍ସବକୁ ପରିଚାଳନା ପାଇଁ ୭ଜଣ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କୁ ମନୋନୟନ କରାଯାଇଥିଲା। ସେମାନେ ହେଲେ ଅନୁପ ରାମ, ରମେଶ ସାହୁ, ରାଜେନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ଧଳ, ଲୋକନାଥ ସାହୁ, ରଞ୍ଜନ ବେହେରା ଓ ପ୍ରଶାନ୍ତ ପ୍ରଧାନ। ଶେଷରେ ବରିଷ୍ଠ ଶିକ୍ଷକ ତଥା କାର୍ଯ୍ୟ ନିର୍ବାହୀ ସଦସ୍ୟ ରାଜେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମହାଦେଈଯୋଡ଼ାରେ ସ୍ୱଚ୍ଛତା ଅଭିଯାନ

**ରାଇସୁଆଁ, ୧୬।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ମହାଦେଈଯୋଡା ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ମିଳିତ ଭାବେ ରବିବାର ବଜାରକୁ ସଫା କରିଥିଲେ। ଏହା ସହ ଲୋକଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସାନ୍ତନୁ ମହାପାତ୍ର, ନିର୍ମଳ ସାହୁଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

## ନୂତନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଦାବିପତ୍ର




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**କେନ୍ଦୁଝର, ୧୬।୯(ସ୍ୱ.ପ୍ର.)**

ଯୋଡା ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁରର ଲୋକମାନେ ଉକ୍ତ ଅଞ୍ଚଳରେ ହେବାକୁ ଥିବା ୩୦ଏମଟିପିଏ ଲୌହପିଣ୍ଡ ଚୂର୍ଣ୍ଣୀକରଣ ଓ ଡିସ୍ଲିମିଙ୍ଗ ପ୍ରକଳ୍ପକୁ ସମର୍ଥନ କରି ସ୍ଥାନୀୟ ଲୋକେ ସୋମବାର ଜିଲାପାଳଙ୍କୁ ଭେଟି ତୁରନ୍ତ କାର୍ଯ୍ୟକାରୀ କରିବାକୁ ଲିଖିତ ଦାବି କରିଛନ୍ତି। ଏହି କାରଖାନା ହେଲେ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକ କାମଧନ୍ଦା ପାଇବେ ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବହୁ ଲୋକ ବ୍ୟବସାୟ କରି ଲାଭବାନ ହୋଇ ପାରିବେ। ସେହିପରି ଏହି ପ୍ରକଳ୍ପ ନିର୍ମାଣ କରୁଥିବା ସଂସ୍ଥା ଉକ୍ତ ଅଞ୍ଚଳରେ ଇଞ୍ଜିନିୟରିଂ କଲେଜ, ଆଇଟିଆଇ ଆଦି ସ୍ଥାପନ କରି ପିଲାମାନଙ୍କୁ ଉଚ୍ଚ ଶିକ୍ଷାର ସୁବିଧା ଯୋଗାଇଦେବା, ସ୍ଥାନୀୟ ଅଞ୍ଚଳ ରାସ୍ତାଘାଟର ବିକାଶ କରିବା, ସ୍କୁଲ ବସ ଚଳାଚଳ କରିବା, ଶିଶୁ ପାର୍କ ସ୍ଥାପନ କରିବା, ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସ୍ଥାପନା କରିବାକୁ ଅନୁରୋଧ କରିଛନ୍ତି।

## ୯୧ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ

**ଚମ୍ପୁଆ, ୧୬।୯(ଡି.ଏନ.ଏ.)**

ଚମ୍ପୁଆ ସରସ୍ୱତୀ ଶିଶୁମନ୍ଦିର ଠାରେ ଓଡ଼ିଶାର ପୂର୍ବତନ ଗଡଜାତ ତଥା ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟର ସଂହଭୂମି, ସରେଇକଳା ଓ ଖରସୁଆଁ ଅଞ୍ଚଳର ୯୧ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ପ୍ରଫେସର ଆଦିତ୍ୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଉଷାରାଣୀ ମହାନ୍ତି, ଅମାନ୍ତ ପ୍ରସାଦ ଜେନା, ବିମଳ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଫେସର ପାତ୍ରଙ୍କୁ ସର୍ବଭାରତୀୟ ଓଡ଼ିଆ ସମାଜ ପକ୍ଷରୁ ଭାଷା, ସାହିତ୍ୟ ଓ ସଂସ୍କୃତିର ଏକନିଷ୍ଠ ସାଧନା ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉତ୍କଳ ସମ୍ମିଳନୀ କେନ୍ଦୁଝର ଶାଖା ସଭାପତି ବିମ୍ବାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଓ ଝାଡ଼ଖଣ୍ଡ ଅଞ୍ଚଳରୁ ବହୁ ସାହିତ୍ୟିକ, ଓଡ଼ିଆ ଭାଷାପ୍ରେମୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସର୍ବଭାରତୀୟ ଓଡ଼ିଆ ସମାଜ ପକ୍ଷରୁ ଆୟୋଜନ କରାଯାଇଥିଲା।

## ଚାଉଳ ନ ପାଇ ବିଡିଓଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

**ପାଟଣା,୧୬।୯(ସ୍ୱ.ପ୍ର.)**

ପାଟଣା ଥାନା ସାହାରପଡା ବ୍ଲକ ଉଦୟପୁର ଗ୍ରାମର ୪୫ରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀ ଜୁଲାଇ ଓ ଅଗଷ୍ଟ ମାସର ପିଡିଏସ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ସମ୍ପୃକ୍ତ ହିତାଧିକାରୀମାନେ ବାରମ୍ବାର ପଞ୍ଚାୟତକୁ ଦୌଡିଥିଲେ ହେଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସେମାନଙ୍କୁ ନିରାଶ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଚାଉଳ ନପାଇ ଏହି ମହିଳା ହିତାଧିକାରୀମାନେ ସୋମବାର ସାହାରପଡା ବିଡିଓ ଭାଗୀରଥି ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ସାହାରପଡା ବିଡିଓଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରିବାକୁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ମହିଳା ହିତାଧିକାରୀମାନେ ବିଡିଓଙ୍କ ନିକଟକୁ ଯାଇଛନ୍ତି।

## ବାୟୋଗ୍ୟାସ ପ୍ଲାଣ୍ଟକୁ ବିରୋଧ କଲେ ୱାର୍ଡବାସୀ

**ବିଫଳ ହେଲା ୱାର୍ଡ ସଭା**

**ଚମ୍ପୁଆ, ୧୬।୯(ଡି.ଏନ.ଏ.)**

ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୫ନଂ ୱାର୍ଡଠାରେ ନିର୍ମାଣ ହେବାକୁ ଥିବା ଜୈବିକ ଖତ ଉତ୍ପାଦନ ଓ ବାୟୋଗ୍ୟାସ ପ୍ଲାଣ୍ଟକୁ ୱାର୍ଡ ସଭାରେ ୱାର୍ଡ ବାସୀ ବିରୋଧ କରିଛନ୍ତି। ଫଳରେ ଏହାର ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ସୂଚନା ଅନୁସାରେ ୫ନଂ ୱାର୍ଡର ଶେଷସୀମାରେ ତଥା ଭାଲିଆ ଢିପା ନିକଟ ସରକାରୀ ଜମିରେ ପୂର୍ବରୁ ଡମ୍ପିଂୟାର୍ଡ କରାଯାଇଥିଲା। ଏନଏସିର ସମସ୍ତ ଆବର୍ଜନାକୁ ସେଠାରେ ପକାଯିବାରୁ ପୂର୍ବରୁ ଗ୍ରାମବାସୀ ମାନେ ଏହାକୁ ବିରୋଧ କରିଆସୁଥିଲେ। ପରିବେଶ ଦୂଷିତ ହେବା ସହିତ ନିକଟରେ ବହିଯାଉଥିବା ଚମ୍ପୁଆ ଲୋକଙ୍କ ଲାଇଫ ଲାଇନ କୁହାଯାଉଥିବା ବୈତରଣୀ ନଦୀ ଜଳ ଦୂଷିତ ହେବାର ଆଶଙ୍କା କରି ଏହାକୁ ବିରୋଧ କରାହୋଇଆସୁଛି। ମାତ୍ର ସୋମବାର ଉକ୍ତ ଡମ୍ପିଂୟାର୍ଡ ସ୍ଥାନରେ ସରକାରଙ୍କ ସମସ୍ତ ନିୟମ ପାଳନ କରାଯାଇ ଜୈବିକ ଖତ ଉତ୍ପାଦନ କେନ୍ଦ୍ର ଓ ବାୟୋଗ୍ୟାସ ପ୍ଲାଣ୍ଟ ନିର୍ମାଣ ପାଇଁ ଏନଏସି ପକ୍ଷରୁ ୱାର୍ଡ ସଭା ଡକାଯାଇଥିଲା। ଏହି ୱାର୍ଡ ସଭାରେ ଏନଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ନେସାର ହୟାତ, ୱାର୍ଡ କାଉନସିଲର ସମେତ ବହୁ ୱାର୍ଡବାସୀ ଯୋଗ ଦେଇଥିଲେ। ସଭା ଆରମ୍ଭରୁ ଏ ସମ୍ବନ୍ଧରେ ପ୍ରସ୍ତାବ ଓ ନିର୍ମାଣ ସୂଚନା ଦେବା ପରେ ୱାର୍ଡବାସୀ ଏହାକୁ ବିରୋଧ କରିଥିଲେ। ଫଳରେ ୱାର୍ଡ ସଭା ବିଫଳ ହୋଇଥିଲା। ଏନେଇ ନିର୍ବାହୀ ଅଧିକାରୀ ସପନ ସାହୁଙ୍କୁ ପଚାରିବାରୁ ୱାର୍ଡ ସଭା ବିଫଳ ହୋଇଛି ହେଲେ ଏହା ଏକ ଭଲ ପ୍ରକଳ୍ପ। ପୁଣି ଆମ୍ଭେ ୱାର୍ଡ ବାସୀଙ୍କ ସହ ଆଲୋଚନା କରିବୁ। ପର ପର୍ଯ୍ୟାୟରେ ଲୋକ ମାନେ ଏହି ସମନ୍ଧରେ ବୁଝିଲେ ନିଶ୍ଚୟ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ।



ୱାର୍ଡ ସଭାରେ ଉପସ୍ଥିତ କର୍ମକର୍ତ୍ତା।

## ସଂକ୍ଷେପରେ

### ଅପ୍ରାକୃତିକ ଯୌନ ନିର୍ଯାତନା: ଅଭିଯୁକ୍ତ ଗିରଫ

ଆନନ୍ଦପୁର, ୧୬।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଘସିପୁରା ଥାନା ଶାଳପଡା ଅଞ୍ଚଳରେ ଜଣେ ୭ ବର୍ଷର ନାବାଳକଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା କରିବା ଅଭିଯୋଗରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳକଙ୍କ ପରିବାର ଲୋକେ ରବିବାର ବିଳମ୍ବିତ ରାତିରେ ଏସମ୍ପର୍କରେ ଘସିପୁରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଏକ ମାମଲା (ନଂ ୧୫୬/୧୯) ରୁଜୁ କରିବା ସହ ଅଭିଯୁକ୍ତ କାଉଚିଆ ନାୟକ ଓରଫ ଚକ୍ରଧର(୨୩)ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା ଥାନା ଆଇଆଇସି ରାମଚନ୍ଦ୍ର ବିଶ୍ୱାଳ କହିଛନ୍ତି।

### କେନ୍ଦୁପଶି ଗ୍ରାମ ଉତ୍ସବମୁଖର

ରାଇସୁଆଁ, ୧୬।୯(ଡି.ଏନ.ଏ.)- ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର କେନ୍ଦୁପଶି ଗ୍ରାମରେ ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତି ବର୍ଷ ପରି ଏହି ବର୍ଷ ମଧ ସାଂସ୍କୃତିକ କାର୍ଯ୍ୟକ୍ରମ ଶହ ଶ୍ରଦ୍ଧାଳୁ ଭକ୍ତ ଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିବା କମିଟିର ବରିଷ୍ଠ ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର ସୂଚନା ଦେଇଛନ୍ତି। ତୋରଣ ଏବଂ ମୃଣ୍ମୟ ପ୍ରତିମାକୁ ଖୁବସୁନ୍ଦର ଭାରେ ସୁସଜ୍ଜିତ କରାଯାଇଛି।

### ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବଡଲା, ୧୬।୯ (ଡି.ଏନ.ଏ.)- ହାଟଡିହୀ ହାଇସ୍କୁଲରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ହାଟଡିହି ପଞ୍ଚାୟତର ସରପଞ୍ଚ ଅନୁସୂୟା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଏବିଇଓ ସୁରେଶ ଜେନା, ହାଟଡିହୀ ହାଇସ୍କୁଲର ପ୍ରଧାନଶିକ୍ଷକ ଶିଶିର କୁମାର କର, ଖେଳଶିକ୍ଷକ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୨୮ଟି ବିଦ୍ୟାଳୟରୁ ୧୫୬ ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ଖେଳଶିକ୍ଷକ ସାନ୍ତନୁ କୁମାର ରାଉତ, ଦେବେନ୍ଦ୍ର କୁମାର ଖୁଣ୍ଟିଆ, ବିଜୟ କୁମାର ନାୟକ, ସୁବାଷ କୁମାର ଜେନା, ପରେଶ କୁମାର ପରିଡ଼ା, ଦେବାଶିଷ ବେହେରା, ଶରତ କୁମାର ସାହୁ, ସୁଚିସ୍ମିତା ରାଉତ, ରଞ୍ଜିତା ବେହେରା, ପବିତ୍ରା ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିବାବେଳେ ଅନ୍ୟ ଖେଳ ଶିକ୍ଷକ ମାନେ ମଧ ଉପସ୍ଥିତ ରହିଥିଲେ।

### ମହିଳା କ୍ଲବର ବାର୍ଷିକୋତ୍ସବ

ବଡବିଲ, ୧୬।୯ (ସ୍ୱ.ପ୍ର.)- କେନ୍ଦୁଝର ଜିଲା ବଡବିଲ ପୌର ଟାଉନହଲଠାରେ ରବିବାର ସନ୍ଧ୍ୟାରେ ବଡବିଲସ୍ଥିତ ଷ୍ଟାର-ଷ୍ଟେଲ ମହିଳା କ୍ଲବର ପ୍ରଥମ ବାର୍ଷିକୋତ୍ସବ ଆନନ୍ଦ ଉଦ୍ଦିପନାର ସହ ସମାପନ ହୋଇଛି। ମୁଖ୍ୟଅତିଥି ଭାବେ ମହେଶଦତ୍ତ ରସ୍ତୋଗୀ, ସମ୍ମାନିତ ଅତିଥି ଭାବେ ହୀରକ ମଜୁମଦାର ଓ ରାମୁ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଉତ୍ସବର ସଭାରେ ମହିଳା ସଶକ୍ତିକରଣ ଓ ମହିଳାଙ୍କ ସମ୍ମାନ ପାଇଁ ଏହି କ୍ଲବ ସର୍ବଦା ପ୍ରୟାସ ଜାରି ରଖିଥିବା ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଥିଲା। ସଭାପରେ ବିଭିନ୍ନ ନୃତ୍ୟ ସଂଗଠନ ତରଫରୁ ଓଡିଶୀ ନୃତ୍ୟ ଓ ଆଧୁନିକ ନୃତ୍ୟ ପରିବେଷିତ ହୋଇଥିଲା।

### ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳିତ

ଆନନ୍ଦପୁର,୧୬। ୯(ସ୍ୱ.ପ୍ର.)- ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଘସିପୁରା ଓ ଆନନ୍ଦପୁର ବ୍ଲକ ସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଘସିପୁରା ବ୍ଲକ ତରିମୂଳ ହାଇସ୍କୁଲର ହିନ୍ଦୀ ଶିକ୍ଷକ ନରହରି ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲା ଓଷ୍ଟା ସଭାପତି ଶାନ୍ତନୁ କୁମାର ମିଶ୍ର ଯୋଗଦେଇ ହିନ୍ଦୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍ଗୋର ବାଳିକା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଶୈଳବାଳା ରଣା, ସମ୍ମାନିତ ବକ୍ତା ଭାବେ ବି.ଏନ.ହାଇସ୍କୁଲର ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ନନ୍ଦ, ସମ୍ମାନିତ ଅତିଥି ଭାବେ କୁଶଳେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ପ୍ରହସନ

- ଅଧିକ ସଂସ୍ଥା ଖୋଲିବାକୁ ଦାବି
- ୩୦ ସୁଦ୍ଧା ଠିକ୍ କରିବାକୁ ନିର୍ଦ୍ଦେଶ
- ଦଲାଲଙ୍କ କବଳରୁ ବଞ୍ଚିବାକୁ ଚାଲିଛି ମନିଟରିଂ

କେନ୍ଦୁଝର, ୧୬।୯ (ସ୍ୱ.ପ୍ର.)

ନୂତନ ମୋଟର ଆଇନ ଲାଗୁ ହେବା ପରେ ସମସ୍ତେ ଛାନିଆ ହୋଇ ପଡିଛନ୍ତି। ବିଶେଷ କରି ବିନା ଡ୍ରାଇଭିଙ୍ଗ ଲାଇସେନ୍ସ, ରେଜିଷ୍ଟ୍ରେସନ, ଇନସ୍ୟୁରାନ୍ସ, ଫିଟ୍‌ନେସ ତଥା ପ୍ରଦୂଷଣ ପ୍ରମାଣପତ୍ରରେ କାମ ଚଳାଇ ଆସୁଥିବା ଚାଳକ ତଥା ଗାଡି ମାଲିକ ମାନଙ୍କ ଚିନ୍ତା ବଢିଯାଇଛି। ଯଦିଓ ସରକାର ୩ ମାସ ଆଇନକୁ କୋହଳ କରିଛନ୍ତି ଏଣୁ ପ୍ରମାଣପତ୍ର ସଜାଡିବା ପାଇଁ ସମସ୍ତେ ଲାଗିଛନ୍ତି। ଏଥିପାଇଁ ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟରେ ଭିଡ ଦେଖିବାକୁ ମିଳୁଛି। ଏହା କେତେକ ଦଲାଲଙ୍କ ପାଇଁ ରୋଜଗାରର ପନ୍ଥା ପାଲଟିଛି।

ଲୋକଙ୍କ ସୁବିଧା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ହେଁ ବାହାରେ ଏହାର ଫାଇଦା କେତେକ ଦଲାଲ ହାତଛଡା କରିବାକୁ ଚାହୁଁ ନାହାନ୍ତି। ସବୁଠାରୁ ଅଧିକ ଲାଭବାନ ପ୍ରଦୂଷଣ ପ୍ରମାଣପତ୍ର ଦେଉଥିବା ସଂସ୍ଥା ମାନେ ହେଉଛନ୍ତି। ଖଣିଖାଦାନ ସମୃଦ୍ଧ କେନ୍ଦୁଝର ଜିଲାରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଇକ ଠାରୁ ଆରମ୍ଭ କରି ଚାରି ଚକିଆ ଯାନ ତଥା ଟ୍ରକ ଆଦିର ସଂଖ୍ୟା କମ ନାହିଁ। ତେବେ ପ୍ରଦୂଷଣ ରୋକିବା ସହ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଗାଡି ସବୁ ପ୍ରଦୂଷଣମୁକ୍ତ ହେବା ଜରୁରୀ। ଏଣୁ ଏଥିପାଇଁ ପ୍ରଦୂଷଣମୁକ୍ତ ପ୍ରମାଣପତ୍ର ହାସଲ କରିବା ଜରୁରୀ। କେତେକ ସଂସ୍ଥା ବିନା ପ୍ରଦୂଷଣ ଯାଞ୍ଚରେ ପ୍ରମାଣ ପତ୍ର ପ୍ରଦାନ କରୁଥିବାରୁ ଏହାର ସଫଳତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଟଙ୍କା ଦିଅ, ପ୍ରଦୂଷଣ ପ୍ରମାଣ ପତ୍ର ନିଅ ନୀତିରେ ଚାଲିଛି ଏହି ବ୍ୟବସ୍ଥା। ବାଇକ ପାଇଁ ୬୦ ଟଙ୍କା, ୪ ଚକିଆ ଯାନ ପାଇଁ ୧୦୦ ଟଙ୍କା ଏବଂ ଟ୍ରକ ପାଇଁ ଅଧିକ ଟଙ୍କା ଆଦାୟ ହେଉଛି। କିନ୍ତୁ ଅନେକ ଗାଡିର ଧୂଆଁରେ ଥିବା ପ୍ରଦୂଷଣକୁ ମପା ଯାଉ ନାହିଁ। ଯାହା ଫଳରେ ପରିବେଶର ପ୍ରଦୂଷଣ କମିବା ଅପେକ୍ଷା ପୁଣି ବଢିବା ଆଶଙ୍କା ଦେଖାଦେବ ବୋଲି ପରିବେଶବିତ ମାନେ ମତବ୍ୟକ୍ତ କରୁଛନ୍ତି। ଏଣୁ ଏଭଳି ପ୍ରଦୂଷଣ ଯାଞ୍ଚ ପ୍ରହସନରେ ପରିଣତ ହୋଇଥିବା ବେଳେ କେବଳ ଏହି ଦାୟିତ୍ୱ ନେଇ ଥିବା ସଂସ୍ଥା ମାନଙ୍କୁ ମାଲାମାଲ କରିବା ପାଇଁ ବାଟ ଖୋଲିଦିଆଯାଇଛି ବୋଲି ଲୋକେ କହୁଛନ୍ତି। ଭିଡ ରୋକିବା ପାଇଁ ଜିଲାରେ ଦୈନିକ ଲାଇସେନ୍ସ ପାଇଁ ସ୍ଲଟ ସଂଖ୍ୟା ୫୦ରୁ ୧୫୦ କରିଦିଆଯାଇଛି। କାଉଣ୍ଟର ଆଉ ଦୁଇଟି ବଢାଇ ଦିଆଯାଇଛି। କାମକାର୍ଯ୍ୟ ସୁରୁଖୁରୁରେ ଚାଲିବା ଓ ଦଲାଲଙ୍କ ପ୍ରଦୁର୍ଭାବ ରୋକିବା ପାଇଁ ମନିଟରିଂ କରାଯାଉଛି। ଆବଶ୍ୟକ ସ୍ଥଳରେ ଅଧିକ କାଉଣ୍ଟର ଖୋଲାଯିବ ବୋଲି ଆରଟିଓ ନିର୍ମଳ ଚନ୍ଦ୍ର ମହାନ୍ତି କହିଛନ୍ତି। ଜିଲାରେ ସମୁଦାୟ ୭ ଟି ପ୍ରଦୂଷଣ କେନ୍ଦ୍ର ରହିଥିବା ବେଳେ ଆହୁରୀ ଅଧିକ ସଂସ୍ଥା ଆବେଦନ କରୁଛନ୍ତି। ଏଥିପାଇଁ ଟେକ୍ନିକାଲ କର୍ମଚାରୀ ଓ ଅତ୍ୟାଧୁନିକ ମେଶିନ ଜରୁରୀ ହୋଇଥିଲେ ହେଁ ପୁରୁଣା ଢଙ୍ଗାରେ ପ୍ରମାଣପତ୍ର ଦିଆଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଚଳିତ ମାସ ୩୦ ସୁଦ୍ଧା ସବୁ ଠିକ୍‌ଠାକ କରିବା ପାଇଁ କୁହାଯାଇଛି। ଏହା ପରେ ଠିକ ଭାବରେ ଚାଲିପାରିବ ବୋଲି ଆରଟିଓ ମହାନ୍ତି କହିଛନ୍ତି।

## ମହାଲକ୍ଷ୍ମୀ ପୂଜା ପାଇଁ ମାଟି ଅଣାଗଲା



ଲକ୍ଷ୍ମୀପୂଜା ଲାଗି ମାଟି ପୂଜା କରାଯାଉଛି।

ଢେଙ୍କିକୋଟ, ୧୬।୯ (ଡି.ଏନ୍.ଏ.)

ଢେଙ୍କିକୋଟ ମହାଲକ୍ଷ୍ମୀ ପୂଜା କମିଟି ତରଫରୁ ମହାଲକ୍ଷ୍ମୀଙ୍କ ପୂଜା ନିମନ୍ତେ ପୂର୍ଣ୍ଣିମା ତିଥିରେ ଯଥାବିଧପୂଜାପୂର୍ବକ ମାଟିପୂଜା କରାଯାଇଛି। କମିଟିର ସଭାପତି କଙ୍କଣଧାରୀ ରାମଚନ୍ଦ୍ର ସାହୁଙ୍କ ଦ୍ୱାରା ମାଟିପୂଜା ହୋଇ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିମନ୍ତେ ମାଟି ଅଣାଯାଇଛି। ଏଥିରେ କମିଟିର ସଭାପତି ରାମଚନ୍ଦ୍ର ସାହୁ, ଉପସଭାପତି ମହେଶ୍ୱର ସାହୁ, ସଦସ୍ୟ ଲକ୍ଷ୍ମୀଧର ସାହୁ, ନୀଳମଣି ମଣ୍ଡଳ, ବିଭୀଷଣ ମହାକୁଡ଼, ଦୈତାରୀ ନାୟକ, ହୃଷିକେଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାହ୍ନ ୧୧ଟା ୪୫ରେ ମାଟିପୂଜା କରାଯାଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ଆସନ୍ତା ଅକ୍ଟୋବର ମାସ ୧୩ ତାରିଖ ମା' ମହାଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ପୂଜା ହେବ। ଏହି ଅବସରରେ ଢେଙ୍କିକୋଟର ବିଭିନ୍ନ ପ୍ରତିଷ୍ଠାନର କର୍ମକର୍ତ୍ତା ମଧ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ପୂଜା କରିଥିବା ଦେଖିବାକୁ ମିଳିଛି।

## କାଞ୍ଜିପାଣି-ତେଲକୋଇ ଘାଟିରେ ଦୁର୍ଘଟଣା
# ବିଜୁଗାଁ ଗାଡ଼ି ଓଲଟି ୧୨ ଆହତ

କେନ୍ଦୁଝର/ ତେଲକୋଇ, ୧୬।୯ (ସ୍ୱ.ପ୍ର./ ଡି.ଏନ.ଏ.)

କେନ୍ଦୁଝରଠାରୁ ୩୫ କି.ମି. ଦୂର କାଞ୍ଜିପାଣି-ତେଲକୋଇ ଘାଟି ରାସ୍ତାରେ ସୋମବାର ଅପରାହ୍ନ ୨ଟା ବେଳେ ବିଜୁଗାଁ ଗାଡି ଭାରସାମ୍ୟ ହରାଇ ଓଲଟି ପଡିବାରୁ ୧୨ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୭ ପୁରୁଷ ଓ ୫ ମହିଳା ରହିଛନ୍ତି। ବସ୍‌ରେ ମୋଟ ୩୦ଯାତ୍ରୀ ଥିଲେ। ଦୁର୍ଘଟଣା ଘଟିଥିବା ସ୍ଥାନର ଡାହଣ ପଟେ ଗଭୀର ଖାଇ ରହିଥିଲା। ତେବେ ବସ୍‌ଟି ବାମ ପଟେ ଥିବା ପାହାଡ଼ ପାର୍ଶ୍ୱରେ ଧକ୍କା ଲାଗି ଓଲଟି ପଡିବାରୁ ଏକ ବଡ଼ଧରଣର ଦୁର୍ଘଟଣାରୁ ରକ୍ଷା ମିଳିଛି। କାଞ୍ଜିପାଣି ଥାନା ପୋଲିସ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ପୋଲିସ ସୂଚନା ଅନୁଯାୟୀ ସ୍ୱାଇଁ ଆଣ୍ଡ ସ୍ୱାଇଁ ନାମକ ବିଜୁଗାଁ ଗାଡି କେନ୍ଦୁଝରରୁ ଯାତ୍ରୀଙ୍କୁ ନେଇ ପୂର୍ତ୍ତବିଭାଗ ରାସ୍ତାରେ କାଞ୍ଜିପାଣି ଥାନା ଅନ୍ତର୍ଗତ କରଦାଙ୍ଗି ଅଭିମୁଖେ ଯାଉଥିବା ବେଳେ କାଞ୍ଜିପାଣି-ତେଲକୋଇ ଘାଟି ଅତିକ୍ରମ କରୁଥଲା। ଗାଡିର ବ୍ରେକ୍ ଫେଲ୍ ହେବାରୁ ଏହା ଭାରସାମ୍ୟ ହରାଇ ବସିଥିଲା। ଗାଡ଼ି ଚାଳକ ଏହାକୁ ବାମ ପଟକୁ କାଟି ଦେବାରୁ ପାର୍ଶ୍ୱସ୍ଥ ପାହାଡ଼ରେ ପିଟି ହୋଇ ଓଲଟି ପଡିଥିଲା। ଘାଟି ରାସ୍ତାରେ ବସ୍ ଓଲଟିବା ଖବର ପାଇ କାଞ୍ଜିପାଣି ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା। ବସ୍‌ରେ ଥିବା ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା କହିଛି।



କାଞ୍ଜିପାଣି ଘାଟିରେ ଦୁର୍ଘଟଣାଗ୍ରସ୍ତ ବସ୍।

## ହିନ୍ଦୀ ଦିବସ ପାଳିତ

ହାଟଡିହୀ,୧୬।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ମୁକୁନ୍ଦ ଚରଣ ବିଦ୍ୟାମନ୍ଦିର ପରିସରରେ ବ୍ଲକ ସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଛି। ନନ୍ଦିପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ନରେନ୍ଦ୍ର ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ହଦଗଡ ଜବାହର ନବୋଦୟ ବିଦ୍ୟାଳୟର ପ୍ରାଧାପକ ରାଜକିଶୋର ମିନା ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲା ହିନ୍ଦୀ ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ରାଉତରାୟ ଓ ସମ୍ମାନିତ ଅତିଥି ଭାବେ ଶାଳଣିଆ ହାଇସ୍କୁଲର ହିନ୍ଦୀ ଶିକ୍ଷକ ରାଧାଶ୍ୟାମ ନାୟକ ଯୋଗ ଦେଇଥିଲେ। ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ ବିଷୟ ଭାବେ କରାଗଲେ ଏହା ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ହିନ୍ଦୀ ଶିକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫୁଲ୍ଲ କୁମାର ମଲ୍ଲିକ, ଦୁର୍ଯ୍ୟୋଧନ ଜେନା, ସତ୍ୟପ୍ରିୟ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ପାଣ୍ଡବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ଶିକ୍ଷକ ଗଙ୍ଗାଧର ମଲ୍ଲିକ ଏବଂ ନାରାୟଣ ଚନ୍ଦ୍ର ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଯୁକ୍ତିତର୍କକୁ କେନ୍ଦ୍ରକରି ପଥରରେ ଛେଚି ହତ୍ୟା

କେନ୍ଦୁଝର, ୧୬।୯(ଡି.ଏନ.ଏ.)

ରବିବାର ସାମାନ୍ୟ ଘଟଣାକୁ କେନ୍ଦ୍ର କରି ପ୍ରଥମେ ଯୁକ୍ତିତର୍କ ଓ ପରେ ପଥରରେ ଛେଚି ଜଣେ ବ୍ୟକ୍ତିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ତଥା ଶିରିଷପାଳ ପଞ୍ଚାୟତର ଜାମୁଡିହା ନିକଟରେ ଏକ ଦେଶୀ ମଦଭାଟି ଯାହାକି ସ୍ଥାନୀୟ ନାଳ କଡରେ ଅବସ୍ଥିତ ସେଠାରେ କୌଣସି ଏକ କଥାକୁ କେନ୍ଦ୍ର କରି କୁଜା ଜୁଆଙ୍ଗ(୩୮)ଙ୍କ ସହିତ ଉପସ୍ଥିତ ଥିବା ୩ଜଣ ବ୍ୟକ୍ତିଙ୍କ ଯୁକ୍ତିତର୍କ ହୋଇଥିଲା। ଦେଶୀ ମଦ ପିଇ ମାତାଲ ଥିବା ୩ଜଣ ବ୍ୟକ୍ତି ଏକ ପଥରରେ କୁଜାଙ୍କ କାନ ମୂଳକୁ ଛେଚି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଗ୍ରାମରକ୍ଷୀଙ୍କଠାରୁ ଖବରପାଇ ସୋମବାର ସକାଳୁ ଟାଉନ ପୋଲିସ ଏକ ମାମଲା (ନଂ.୨୫୨/୧୯) ରୁଜୁ କରି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ସଦର ଚିକିତ୍ସାଳୟକୁ ପଠାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

# ଓଡ଼ିଶା ସାହିତ୍ୟ ଏକାଡେମୀର ସାହିତ୍ୟ ଉତ୍ସବ



ସାହିତ୍ୟ ଉତ୍ସବରେ ଉପସ୍ଥିତ ଅତିଥି।

ଆନନ୍ଦପୁର, ୧୬।୯(ସ୍ୱ.ପ୍ର.)

ଘସିପୁରା ବ୍ଲକ ଦେଓଗାଁ କଲ୍ୟାଣମଣ୍ଡପ ଠାରେ ଓଡିଶା ସାହିତ୍ୟ ଏକାଡେମୀର ଏକଦିବସୀୟ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଗବତ ପଠନଦ୍ୱାରା ମନୁଷ୍ୟର ଚେତନାର ଶୁଦ୍ଧିକରଣ ହୁଏ ବୋଲି ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଉତ୍ସବରେ ନିମନ୍ତ୍ରିତ ଅତିଥିବୃନ୍ଦ ନିଜର ମତପ୍ରକାଶ କରିଥିଲେ। ଏକାଡେମୀର ସଦସ୍ୟ ଡ.ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବର ପ୍ରଥମ ସୋପାନରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗୋସ୍ୱାମୀ ଗୋଲାମ ଦେବତା, ମୁଖ୍ୟବକ୍ତା ଭାବେ ପ୍ରଫେସର ସୁଧାକର ଦାଶ, ସମ୍ମାନିତ ଅତିଥି ଡ.ଶଶଧର ଦାସ ଓ ଡ.ଚକ୍ରଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତରହି ଓଡିଶା ଭାଗବତ ପବିତ୍ରଗ୍ରନ୍ଥ ସମ୍ପର୍କରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ଡ. ବିମ୍ବାଧର ବୋଇତେଇଙ୍କ ସଭାପତିତ୍ୱରେ ଆୟୋଜନ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥିଭାବେ କବି ଅଶୋକ ପୁହାଣ ଓ ବସନ୍ତ ମହାପାତ୍ର ମଞ୍ଚାସୀନ ହୋଇ କବିତାପାଠର ବିଭିନ୍ନଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଜୁଳି ପୁଷ୍ଟିଙ୍କ 'ବାପା ବର୍ଣ୍ଣମାଳା ବୋଉ ବର୍ଣ୍ଣାଳୀ', 'ଗୌରିବତା ମାଝିନୀ', 'ବିଶ୍ୱାସର ପଣତରେ ମୁଁ ଆଉ ତମେ' ପୁସ୍ତକଗୁଡିକ ଅତିଥିମାନଙ୍କ କରକମଳରେ ଉନ୍ମୋଚନ ହୋଇଥିଲା। ସେହିପରି ନରୋତମ ଦାସଙ୍କ ଭିନ୍ନ ଏକ ସ୍ପନ୍ଦନ ଓ ଭାସ୍କରଚନ୍ଦ୍ର ପାଢୀଙ୍କ ଝୁମୁରୁ ଝୁମୁରୁ ଝାଇଁ ମଧ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ସଞ୍ଜୟକୁମାର ଛୟାଳସିଂ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଶିଶୁ କବି ରତ୍ନାକର ଦାସ ସଂଯୋଜନା କାର୍ଯ୍ୟ ନିର୍ବାହ କରିଥିଲେ। ଶେଷରେ ବୈଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଣୀରୋଗ ସମ୍ପର୍କିତ କାର୍ଯ୍ୟକ୍ରମର ପ୍ରସାରଣ

କେନ୍ଦୁଝର, ୧୬।୯(ଡି.ଏନ୍.ଏ.)

କୃଷି ବିଜ୍ଞାନ କେନ୍ଦ୍ର ଓ ପ୍ରାଣୀ ସମ୍ପଦ ବିଭାଗ, କେନ୍ଦୁଝରର ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଥୁରାଠାରେ ଫାଟୁଆ ଓ ବ୍ରୁସେଲୋସିସ ରୋଗ ନିମନ୍ତେ ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ ଓ ଦେଶବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଶୁଭାରମ୍ଭର ସିଧା ପ୍ରସାରଣ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ପରେ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ସୁକାନ୍ତ କୁମାର ସାହୁ ଏହାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଜଳଧର ମଲ୍ଲିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ।

## ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା




ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଯୋଡ଼ା, ୧୬।୯ (ଡି.ଏନ.ଏ.)

ଡ୍ରାଇଭର ଦିବସ ଅବସରରେ କେନ୍ଦୁଝର ଜିଲା ଯୋଡା ରୋଟାରି କ୍ଲବ ଓ ଇଣ୍ଡିଆନ୍ ଅଏଲ କର୍ପୋରେସନର ମିଳିତ ସହଯୋଗରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଏକ ସ୍ୱାସ୍ଥ୍ୟ ଶିବିର ଯୋଡାସ୍ଥିତ ଲା ଫୁଏଲ ପମ୍ପ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରକୁ ଇଣ୍ଡିଆନ୍ ଅଏଲ କର୍ପୋରେସନ ସେଲ୍ସ ଅଫିସର ବିପିନ ବିହାରୀ ମିଞ୍ଜ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଯୋଡା ଅଞ୍ଚଳର ପ୍ରାୟ ୧୩୦ ଜଣ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ମାଗଣା ଔଷଧ ଗ୍ରହଣ କରିଥିଲେ। ଏହି ଶିବିରରେ ଟିଏସଆରଡିଏସର ଡାକ୍ତର ଡା. ଅନମୋଲ ନୀଗା, ଡା. ନରେଶ ମୁଣ୍ଡା, ଫାର୍ମାଶିଷ୍ଟ ଜ୍ୟୋତ୍ସ୍ନା ରାଣୀ, ଟାଟାଷ୍ଟିଲ ଡାକ୍ତରଖାନାର ଡାକ୍ତର ଡା. ଏ.କେ. ରଏ, ଡା. ବି.କେ ପାଲ ଓ ଟାଟାଷ୍ଟିଲ ଅଧିକାରୀ ତନ୍ମୟ କର ଉପସ୍ଥିତ ରହି ଲୋକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଟ୍ରକ, ଡମ୍ପର, ବସ୍ ଓ ଅନ୍ୟ ଗାଡିର ଡ୍ରାଇଭର ତଥା ତାଙ୍କର ପରିବାର ସଦସ୍ୟ ମାନଙ୍କୁ ରୋଟାରୀ କ୍ଲବ ପକ୍ଷରୁ ଏହି ଶିବିରକୁ ଆମନ୍ତ୍ରିତ କରାଯାଇଥିଲା। ଏହି ଶିବିରକୁ ଯୋଡା ରୋଟାରି କ୍ଲବର ସଦସ୍ୟ ତାରିଣୀ ପ୍ରସାଦ ମହାନ୍ତି, ଜିତେନ୍ଦ୍ର ବୈଦ୍ୟ, ବି.ଡି ସାହୁ, ପ୍ରକାଶ ମହାନ୍ତି, ବିକାଶ ମହାନ୍ତି, ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଏଥିସହିତ ବିଭିନ୍ନ ବ୍ୟାଙ୍କର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସାହିତ୍ୟ ବିଭାଗରେ ସେମିନାର

ଚମ୍ପୁଆ, ୧୬।୯(ଡି.ଏନ.ଏ.)

ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଓଡିଆ ଓ ଭାଷା ସାହିତ୍ୟ ବିଭାଗର ସେମିନାର ଅନୁଷ୍ଠିତ ହୋଇଯାଇଛି। ଓଡିଆ ବିଭାଗର ମୁଖ୍ୟ ମଧୁସ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସେମିନାରରେ ମୁଖ୍ୟଅତିଥି ଭାବେ କ୍ରୀଷ୍ଣା କୁମାରୀ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର କୁମାର କର, ସ୍ୱାଧୀନ କୁମାର ସିଂ, ଚମ୍ପେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ଓଡିଆ ଭାଷାର ବିକାଶ,ଶୁଦ୍ଧ ଲିଖନ ଉପରେ ଗୁରୁତ୍ୱକୁ ଉପଲବ୍ଧି କରି ଭାଷା ଆଦର୍ଶରେ ଅନୁପ୍ରଣିତ ହେବାକୁ ଉପଦେଶ ଦେଇଥିଲେ। ଓଡିଆ ଭାଷାର ଗଭିର ତତ୍ତ୍ୱକୁ ଗ୍ରହଣ କରି ଦୈନ ଦିନ ଜୀବନ ଶୈଳିରେ ଏହାର ବ୍ୟବହାର ଦ୍ୱାରା ଏକ ସୃଙ୍ଖଳିତ ସମାଜ ଗଠନ ପାଇଁ ବିଭାଗିୟ ଛାତ୍ରଛାତ୍ରୀ ଆଗକୁ ଆସି ନିଜର କର୍ତ୍ତବ୍ୟ ନିଷ୍ଠାର ପରିଚୟ ଦେବା ପାଇଁ ଅଧ୍ୟାପିକା ଦେବକୀ ନାଏକ ଆହ୍ୱାନ ଦେଇଥିଲେ।



ସେମିନାର ଉତ୍ସବରେ ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପିକା ଓ ଅଧ୍ୟାପକ।

# ଗାଁକୁ ନାହିଁ ସବୁଦିନିଆ ରାସ୍ତା

- ବିକାଶ ଠାରୁ ବହୁ ଦୂରରେ କାଳିଶୁଇ ଗ୍ରାମ
- ନିଜେ ମାଟି ପକାଇ ରାସ୍ତା ନିର୍ମାଣ କଲେ

ରାଇସୁଆଁ,୧୬।୯(ଡି.ଏନ.ଏ.)

ସରକାର ଗ୍ରାମକୁ ଗମନାଗମନ ବ୍ୟବସ୍ଥା କରିବା ସହ ଗ୍ରାମର ବିକାଶ କରିବାକୁ ବହୁ ଯୋଜନା କରୁଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ମାନସିକତାର ଅଭାବ ଯୋଗୁ ବହୁ ଗ୍ରାମକୁ ନିତିଦିନିଆ ରାସ୍ତାଟିଏ ନାହିଁ। ସେଥିଲାଗି ଗ୍ରାମବସୀ ନିଜ ଉଦ୍ୟମରେ ମାଟି ପକାଇ ରାସ୍ତା ତିଆରି କରୁଛନ୍ତି। କିନ୍ତୁ ଏହି ରାସ୍ତା ସବୁବେଳ ପାଇଁ ସ୍ଥାୟୀ ନୁହେଁ। ନିର୍ମାଣ କରୁଛନ୍ତି ସତ। କିନ୍ତୁ ବର୍ଷା ଦିନେ ଲୋକ ମାନଙ୍କର ଏହି ପ୍ରଚେଷ୍ଟା ମଧ ଧୂଳିସାତ ହୋଇଯାଉଛି। ରାସ୍ତାରେ ପାଣି କାଦୁଅ ଜମା ହେବାରୁ ଗାଁ ଲୋକେ ଏକ ପ୍ରକାର ବନ୍ଦି ଜୀବନ ବିତାଉଥିବା ଗ୍ରାମବାସୀ କହିଛନ୍ତି।

ଏହିପରି ଏକ ଗ୍ରାମ ହେଉଛି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ପଞ୍ଚାୟତର କାଳିଶୁଇ ଗ୍ରାମ। ଏହି ଗ୍ରାମରେ ୮ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ଏହି ଗ୍ରାମକୁ ଆଜିଯାଏ ଭଲ ରାସ୍ତା ଖଣ୍ଡିଏ ନାହିଁ। ଫଳରେ ଲୋକ ମାନେ ବର୍ଷାଦିନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମରେ ୯୦ ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର। ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ଗୃହଟି ଅଧାପନ୍ତରିଆ ହୋଇ ରହିଛି। ଚଳିତ ନିର୍ବାଚନରେ ନେତାମାନେ ଗ୍ରାମ ରାସ୍ତା ନିର୍ମାଣକୁ ଗୁରୁତ୍ୱ ଦେବା ସହ ବିକାଶ ଉପରେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜିଯାଏ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ଜିଲା ପ୍ରଶାସନ ତୁରନ୍ତ ଗ୍ରାମରେ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରିବା ସହ ଅନ୍ୟ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଗ୍ରାମବାସୀ ମାଟି ପକାଇ ରାସ୍ତା ନିର୍ମାଣ କରୁଛନ୍ତି।